ଧରିତ୍ରୀ
DHARITRI
ସୋମବାର, ୧୯ ନଭେମ୍ବର, ୨୦୧୮



## ସଂକ୍ଷେପରେ

### ୨୯ରେ ଇମାମୀନଗର ଶ୍ରୀଜଗନ୍ନାଥଙ୍କର ୪ର୍ଥ ପ୍ରତିଷ୍ଠା ଦିବସ



**ବାଲେଶ୍ୱର ଅଫିସ, ୧୮।୧୧:** ବାଲେଶ୍ୱର ଜିଲା ରେମୁଣା ବ୍ଲକ ବାଲଗୋପାଳପୁରସ୍ଥିତ ଇମାମୀନଗର ଶ୍ରୀ ଜଗନ୍ନାଥଙ୍କର ୪ର୍ଥ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଇମାମୀ ଗ୍ରୁପ୍‌ର ଅନ୍ୟତନ ନିର୍ଦ୍ଦେଶକ ତଥା ଇମାମୀ ନଗର ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ଶିଳ୍ପପତି ସୋଶିଲ କୁମାର ଗୋଏଙ୍କା ଅଧ୍ୟକ୍ଷତା କରିଥିଲେ। ଚଳିତମାସ ୨୯ ତାରିଖରେ ହେବାକୁ ଥିବା ଏହି ପ୍ରତିଷ୍ଠା ଦିବସ ସମାରୋହରେ ୩୧ ଯୋଡିଙ୍କ ଗଣବିବାହ କରାଯିବା ନେଇ ନିଷ୍ପତ୍ତି ହୋଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ ଏଥିରେ ଯୋଗଦେବାର କାର୍ଯ୍ୟକ୍ରମ ଥିବାବେଳେ ବିଭିନ୍ନ ପ୍ରାନ୍ତରରୁ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଲକ୍ଷ୍ୟ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ପାନୀୟଜଳ ବ୍ୟବସ୍ଥା, ପ୍ରସାଦ ସେବନ ବ୍ୟବସ୍ଥା ନିମନ୍ତେ ବ୍ୟାପକ ପ୍ରସ୍ତୁତି ପାଇଁ କମିଟି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇଛନ୍ତି। ବୈଠକରେ ସ୍ଥାନୀୟ ଇମାମୀ ପେପର ମିଲ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏମ୍.ବି.ଏସ୍. ନାୟାର, ବରିଷ୍ଠ ସଭାପତି ସୁଶିଲ କୁମାର ଖୈତାନ, ବରିଷ୍ଠ ଉପସଭାପତି ଆଶିଷ ଅବିନାଶ ଗୁପ୍ତା, ଜେନେରାଲ ମ୍ୟାନେଜର ରଞ୍ଜନ କୁମାର ଯେନା, ମନ୍ଦିର ପ୍ରଶାସନିକ ଅଧିକାରୀ ପ୍ରସନ୍ନ କୁମାର ସିଂସାମନ୍ତ, ମୁଖ୍ୟ ପୂଜକ ପ୍ରଦୀପ୍ତ ମିଶ୍ର, ବରିଷ୍ଠ ଅଧିକାରୀ ଏନ୍.ସି. ପଟ୍ଟନାୟକ, ମନୋଜ କୁମାର ପାଢ଼ୀ, ନିଖିଲ ରଞ୍ଜନ ଦାସସାମନ୍ତରାୟ, ରମେଶ ଚନ୍ଦ୍ର ଖୁଣ୍ଟିଆ, ଓମ୍. ପ୍ରକାଶ ଶର୍ମାଙ୍କ ସମେତ ସ୍ଥାନୀୟ ଜନସାଧାରଣ, କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

### ପାଇଖାନା ଦିବସ ପାଳନ ଅବସରରେ ପଥପ୍ରାନ୍ତ ନାଟକ

**ଖଇରା, ୧୮।୧୧(ଡି.ଏନ.ଏ.):** ଖଇରା ବ୍ଲକ ପରିସରରେ ପାଇଖାନା ଦିବସ ପାଳିତ ହୋଇଯାଇଛି। ପଥପ୍ରାନ୍ତ ସଭାରେ ବ୍ଲକ ଅଧକ୍ଷା ଅଭୀଲିପ୍ସା ସାହୁ, ବିଡିଓ ମହେଶ କୁମାର ଚୌଧୁରୀ, ଉପାଧକ୍ଷ ଜୟନ୍ତ ରାଉତ, କନିଷ୍ଠଯନ୍ତ୍ରୀ ତପସ୍ୱିନୀ ଦାସ ଓ ସୁଶାନ୍ତ କୁମାର ସ୍ୱାଇଁ, ସଂଯୋଜକ ସଂଯୁକ୍ତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶର ସୁରକ୍ଷା ପାଇଁ ବିଶେଷ କରି ଗ୍ରାମାଞ୍ଚଳର ଅଧିବାସୀ ପାଇଖାନା ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ପରେ ଏହି ଅବସରରେ ପାଇଖାନା ବ୍ୟବହାର ଉପରେ ପର୍ଯ୍ୟବସିତ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ବ୍ଲକର କାର୍ଯ୍ୟରତ ସମସ୍ତ ୩୫ଜଣ ମୋଟିଭେଟର ତଥା ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ହୋଇ ନାଟକ ସାଙ୍ଗକୁ ନାଚଗୀତ ଦେଖିବାର ମଜା ନେଇଥିଲେ।

## କଡ଼ା ଟକ୍କର ମଧ୍ୟରେ ସରିଲା ଫକୀରମୋହନ ସାହିତ୍ୟ ପରିଷଦ ନିର୍ବାଚନ

# ଶିରୀଷ ଚନ୍ଦ୍ର ସଭାପତି, କୁମାର ଗୋପାଳ ସାଧାରଣ ସମ୍ପାଦକ

- ଅନ୍ୟ ୫ ପଦାଧିକାରୀ ନିର୍ବାଚିତ
- ସାଧାରଣ ସମ୍ପାଦକ ନିର୍ଦ୍ୱନ୍ଦ୍ୱ

**ବାଲେଶ୍ୱର ଅଫିସ,୧୮।୧୧**

ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ସହର ବାଲେଶ୍ୱର। ଏହାର ଗୌରବମୟ ଐତିହ୍ୟକୁ ଉଜ୍ଜୀବିତ ରଖି ସାହିତ୍ୟର ବିକାଶ ପାଇଁ ଦୀର୍ଘ ୭୦ ବର୍ଷ ଧରି ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦ କାର୍ଯ୍ୟ କରି ଆସୁଛି। ୧୯୪୮ ମସିହାରୁ ଗଠନ ହୋଇଥିବା ଏହି ପରିଷଦ ରାଜ୍ୟର ଅନ୍ୟ ଏକ ବୃହତ୍ ସାହିତ୍ୟ ଅନୁଷ୍ଠାନରେ ପରିଣତ ହୋଇଛି। ଏହାର ସୁପରିଚାଳନା ଲାଗି ପ୍ରତି ୩ବର୍ଷରେ ଥରେ ଗଣତାନ୍ତ୍ରିକ ବ୍ୟବସ୍ଥା ଅନୁଯାୟୀ ବାଲାଟ୍ ପେପର ଜରିଆରେ ନୂତନ ପଦାଧିକାରୀ ଚୟନ କରାଯାଇ ଆସୁଛି। ରବିବାର କଡା ପ୍ରତିଯୋଗିତା ମଧ୍ୟରେ ଏହି ପରିଷଦର ସାଧାରଣ ନିର୍ବାଚନ-୨୦୧୮ ଅନୁଷ୍ଠିତ ହୋଇଥିଲା। ନୂତନ ସଭାପତି ଭାବରେ ଡ. ଶିରୀଷ ଚନ୍ଦ୍ର ଜେନା ୧୨୨ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ସାଧାରଣ ସମ୍ପାଦକ ପଦବୀରେ ଡା. କୁମାର ଗୋପାଲ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ମୋଟ ୭ଜଣ ପଦାଧିକାରୀ ନିର୍ବାଚିତ ହୋଇଛନ୍ତି।

ବାଲେଶ୍ୱର ଫକୀରମୋହନ ପରିଷଦର ମୋଟ୍ ୩୪୮ ସଦସ୍ୟାସଦସ୍ୟ ଥିବା ବେଳେ ନିର୍ବାଚନରେ ୨୪୮ଜଣ ମତଦାନ କରିଥିଲେ। ନିର୍ବାଚନ ପରିଚାଳନା କରିଥିଲେନିର୍ବାଚନ ଅଧିକାରୀ ପ୍ରସନ୍ନ କୁମାର ଦତ୍ତ ଏବଂ ସହ ଅଧିକାରୀ ଦୀପକ ବୋଷ । ସ୍ଥାନୀୟ ସଂସ୍କୃତି ଭବନ ପରିସରରେ ଭୋଟଦାନ ବ୍ୟବସ୍ଥା ହୋଇଥିଲା। ରବିବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଆଶାୟୀମାନେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ପ୍ରାର୍ଥୀପତ୍ର ଯାଞ୍ଚ ପରେ ଅପରାହ୍ନ ୧ଟା ୩୦ରୁ ୩ଟା ୪୫ ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ କରାଯାଇଥିଲା। ଅପରାହ୍ନ ୫ଟାରୁ ଆରମ୍ଭ ହୋଇଥିଲା ଗଣତି। ବାଲାଟ୍ ପେପରରେ ପ୍ରାର୍ଥୀ ଚୟନ ପାଇଁ ଥିବା ବ୍ୟବସ୍ଥାକୁ କେତେକ ସଦସ୍ୟ ଠିକ୍ ଭାବେ ବୁଝି ନ ପାରି ପ୍ରତିକ୍ରିୟା ବ୍ୟକ୍ତ କରିଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ ସେମାନଙ୍କୁ ବୁଝାଶୁଝା କରିଥିଲେ। ସର୍ବୋପରି ଶୃଙ୍ଖଳିତ ଭାବେ ଏହି ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଥିବା ନିର୍ବାଚନ ଦାୟିତ୍ୱରେ ଥିବା ଅଧିକାରୀ କହିଛନ୍ତି।



ନବନିର୍ବାଚିତ ସଭାପତି ଡ. ଶିରୀଷ ଚନ୍ଦ୍ର ଜେନା (ବାମରୁ ୪ର୍ଥ), ସାଧାରଣ ସମ୍ପାଦକ ଡା. କୁମାର ଗୋପାଲ(ବାମରୁ ୩ୟ) ଓ ଅନ୍ୟ ପଦାଧିକାରୀ।

ପରିଷଦର ସଭାପତି, ଉପସଭାପତି ପଦବୀ ବ୍ୟତୀତ ସାଧାରଣ ସମ୍ପାଦକ, ଯୁଗ୍ମ ସମ୍ପାଦକ, କୋଷାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ପରିଷଦର ସାଧାରଣ ସମ୍ପାଦକ ପଦବୀରେ ଡା. ଗୋପାଲ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ବିଜୟଲାଭ କରିଥିବା ବେଳେ ସଭାପତି ପଦ ପାଇଁ ଶିରୀଶ ଚନ୍ଦ୍ର ଜେନା, କାଳିପଦ ପଣ୍ଡା ଓ ଅଭୟ ଦାସଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉପସଭାପତି ପଦ ପାଇଁ ପ୍ରଦୀପ ଚାଟାର୍ଜୀ, ନିବାରଣ ଜେନା, ଦୀନବନ୍ଧୁ ଲେଙ୍କା, ସିନ୍ଧୁ ସେନ, ସନାତନ ଦାସ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କୋଷାଧ୍ୟକ୍ଷ ପଦ ପାଇଁ ତପନ ରାୟ, ସତ୍ୟବ୍ରତ ମହାନ୍ତି ଏବଂ ଯୁଗ୍ମ ସମ୍ପାଦକ ଭାବେ ଡ. ସାରଙ୍ଗଧର ତ୍ରିପାଠୀ, କଲ୍ୟାଣୀ ନନ୍ଦ, ଜିତେନ୍ଦ୍ର ପୁହାଣ, ସତ୍ୟଭାମା ମୁଦୁଲି, ବିଦ୍ୟାଧର ସାହୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସଭାପତି ପଦବୀ ପ୍ରାର୍ଥୀଙ୍କ ମଧ୍ୟରୁ ଡ. ଶିରୀଶ ଚନ୍ଦ୍ର ଜେନା ସର୍ବାଧିକ ୧୨୨ ଖଣ୍ଡ ଭୋଟ୍ ପାଇଥିବା ବେଳେ କାଳିପଦ ପଣ୍ଡା ୮୩ ଏବଂ ଅଭୟ ଦାସ ୩୩ ଭୋଟ୍ ପାଇଥିଲେ। ଉପସଭାପତି ଭାବେ ପ୍ରଦୀପ ଚାଟାର୍ଜୀ, ଦୀନବନ୍ଧୁ ଲେଙ୍କା, କୋଷାଧ୍ୟକ୍ଷ ଭାବେ ତପନ ରାୟ, ଯୁଗ୍ମ ସମ୍ପାଦକ ଭାବରେ ଡ. ସାରଙ୍ଗଧର ତ୍ରିପାଠୀ, ଯୁଗ୍ମ ସମ୍ପାଦିକା ଭାବରେ କଲ୍ୟାଣୀ ନନ୍ଦ ବିଜୟୀ ହୋଇଥିବାର ନିର୍ବାଚନ ଅଧିକାରୀ ଦତ୍ତ ଘୋଷଣା କରିଛନ୍ତି। ଏହି ନବନିର୍ବାଚିତ କର୍ମକର୍ତ୍ତାମାନେ ପୂର୍ବରୁ ପରିଷଦର ବିଭିନ୍ନ ଦାୟିତ୍ୱରେ ରହିଥିଲେ। ନବନିର୍ବାଚିତ ସଭାପତି ଓ ସମ୍ପାଦକ ପରେ କାର୍ଯ୍ୟନିର୍ବାହୀ ପରିଷଦ ପାଇଁ ୧୦ ଜଣ ସଦସ୍ୟାସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ସେମାନେ ହେଲେ ହରିଶ୍ଚନ୍ଦ୍ର ବେହେରା, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପୂର୍ଣ୍ଣ୍ୟବ୍ରତ ମହାନ୍ତି, ମମତା ମହାପାତ୍ର, ରଞ୍ଜନ କୁମାର ବାଗ୍, ଗୋପାମୁଦ୍ରା ମହାପାତ୍ର, ସତ୍ୟଶିବ ଦାସ, ଅରୁଣା ରାଏ, ନିବାରଣ ଜେନା ଓ ଡ. ସତ୍ୟବ୍ରତ ନନ୍ଦ।




ପରିଷଦର ସଦସ୍ୟାସଦସ୍ୟମାନେ ଭୋଟ୍ ଦେଉଛନ୍ତି।



କଂଗ୍ରେସ କର୍ମୀ ସମ୍ମିଳନୀରେ ଉପସ୍ଥିତ ଥିବା ନେତୃବୃନ୍ଦ।

## କୁପାରୀରେ କଂଗ୍ରେସର କର୍ମୀସମ୍ମିଳନୀ

**ଖଇରା, ୧୮।୧୧(ଡି.ଏନ.ଏ.)**

ସିମୁଳିଆ ନିର୍ବାଚନମଣ୍ଡଳୀ କଂଗ୍ରେସର ଗଡ ଭାବେ ରହିଆସିଥିଲା। ହେଲେ ଜଣେ ନେତା କେତେକ ସମର୍ଥକଙ୍କୁ ଧରି ଭାଜପାରେ ଯୋଗଦେବା ପରେ ଏବେ କଂଗ୍ରେସ କର୍ମୀମାନେ ପୁଣି ଏକଜୁଟ ହୋଇଛନ୍ତି। କଂଗ୍ରେସକୁ ଫୁଟାଡଙ୍ଗା କହି ଭାଜପାରେ ମିଶିଥିବା ଏହି ନେତା ଜଣକ ଗୋଟିଏ ଭଙ୍ଗାଡଙ୍ଗାର ପଟାରେ ବସିଛନ୍ତି। କେତେବେଳେ ବୁଡିବ ସେକଥା ଜାଣିନାହାନ୍ତି। ଏବେ ସିମୁଳିଆ କଂଗ୍ରେସ ରାଜ୍ୟରେ ନିରଞ୍ଜନ ପଟ୍ଟନାୟକ ଓ ସିମୁଳିଆରେ ରବି ଶତପଥୀଙ୍କ ନେତୃତ୍ୱରେ ନିର୍ବାଚନ ଲଢିବ। ସିମୁଳିଆ ଆସନରେ କଂଗ୍ରେସର ବିଜୟ ସୁନିଶ୍ଚିତ ବୋଲି ରବିବାର ଖଇରା ବ୍ଲକର କୁପାରୀ ଅମ୍ବିକା ମନ୍ଦିର ପରିସରରେ ଆୟୋଜିତ କଂଗ୍ରେସ କର୍ମୀ ସମ୍ମିଳନୀରେ ଉପସ୍ଥିତ ବକ୍ତାମାନେ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଯୁବନେତା ନରେଶ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ସଭ୍ୟ ରବି ଶତପଥୀ, ବାବାଜୀ ମହାନ୍ତି, କୈଳାସ ନାୟକ, ଗୟାଧର ମହାନ୍ତି, ଅଭିମନ୍ୟୁ ପରମାଣିକ, କମଳାକାନ୍ତ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ପଞ୍ଚାୟତର କଂଗ୍ରେସ ମୁଖ୍ୟମାନେ ଯୋଗ ଦେଇଥିଲେ। ଖୁବ୍‌ଶୀଘ୍ର ସିମୁଳିଆ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ତରଫରୁ ବିରାଟ ସମାବେଶ ଆୟୋଜନ କରାଯିବ। ଏଥିରେ କଂଗ୍ରେସ ତାର ଶକ୍ତି ପ୍ରଦର୍ଶନ କରିବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ।

## ଭାଜପା ନେତୃତ୍ୱଙ୍କୁ ଚ୍ୟାଲେଞ୍ଜ

# ନିଲମ୍ବନ ଆଦେଶର ପୁନର୍ବିଚାର କର, ନଚେତ୍ ଦଳ ଛାଡିବେ ୧୦ହଜାର କର୍ମୀ

**ସଜନାଗଡ଼,୧୮।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ନିର୍ବାଚନମଣ୍ଡଳୀର ଯୁବନେତା ସନ୍ତୋଷ ଖଟୁଆଙ୍କ ସମେତ ୫ ମଣ୍ଡଳ ସଭାପତିଙ୍କୁ ଦଳୀୟ ଅନୁଶାସନ ଭଙ୍ଗ ଅଭିଯୋଗରେ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା ନିଲମ୍ବିତ କରିବା ପରେ ଗୋଷ୍ଠୀ କନ୍ଦଳ ତେଜିବାରେ ଲାଗିଛି। ନିଲମ୍ବନ ନିର୍ଦ୍ଦେଶର ପୁନର୍ବିଚାର କର ନଚେତ୍ ଜିଲାପରିଷଦର ସଭ୍ୟ, ବ୍ଲକ ଚେୟାରମ୍ୟାନ୍, ଦଳର ଜିତିଥିବା ସମସ୍ତ ସରପଞ୍ଚ, ସମିତିସଭ୍ୟଙ୍କ ସହ ୧୦ହଜାରରୁ ଊର୍ଦ୍ଧ୍ୱ କର୍ମୀ ଦଳ ଛାଡ଼ିବେ ବୋଲି ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସନ୍ତୋଷ ଓ ତାଙ୍କ ସମର୍ଥକ ଚେତାବନୀ ଦେଇଛନ୍ତି। ଭାଜପା ନେତୃତ୍ୱ ପ୍ରତି ଏହା ଚେତାବନୀ ଚ୍ୟାଲେଞ୍ଜ ସଦୃଶ ହୋଇଛି।

ରବିବାର ପୂର୍ବାହ୍ନ ୧୧ଟାରେ ନୀଳଗିରି ଜେଲ୍ ରୋଡ଼ସ୍ଥିତ କଲ୍ୟାଣମଣ୍ଡପ ପରିସରରେ ସନ୍ତୋଷ ଖଟୁଆଙ୍କ ପକ୍ଷରୁ ଦଳର ୫ଶହରୁ ଊର୍ଦ୍ଧ୍ୱ ପଦାଧିକାରୀଙ୍କ ସମେତ ନିଲମ୍ବିତ ୫ ମଣ୍ଡଳ ସଭାପତି, ବ୍ଲକ ଅଧକ୍ଷା, ଜିଲାପରିଷଦ ସଭ୍ୟା , ସମିତିସଭ୍ୟ, ପୂର୍ବତନ ସରପଞ୍ଚ ଏବଂ ଗତ ପଞ୍ଚାୟତ ନିର୍ବାଚନରେ ଜିତିଥିବା ଭାଜପାର ପ୍ରମୁଖ କର୍ମକର୍ତ୍ତା ଏକଜୁଟ୍ ହୋଇ ଦଳର ନେତୃତ୍ୱଙ୍କ ଏକତରଫା କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିଥିଲେ। ଭାଜପା ଜିଲା ଏବଂ ରାଜ୍ୟ ନେତୃମଣ୍ଡଳୀ ପୂର୍ବରୁ କାରଣ ଦର୍ଶାଅ ନୋଟିସ୍ ଜାରି ନ କରି ଗତ ୧୬ ତାରିଖରେ ପ୍ରାଥମିକ ସଦସ୍ୟ ପଦରୁ ସିଧାସଳଖ ନିଲମ୍ବିତ କରିବା ଘଟଣାକୁ ସେମାନେ ସମାଲୋଚନା କରିଥିଲେ। ଏ ଦିଗରେ ଉଚିତ୍ ପଦକ୍ଷେପ ନିଆ ନ ଗଲେ ଗୋଷ୍ଠୀ କନ୍ଦଳ ତେଜିବ ବୋଲି ସତର୍କ କରାଇ ଦିଆଯାଇଛି।

DADLS-181



ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ସମାରୋହ
୧୯ ନଭେମ୍ବର ୨୦୧୮

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଅରୁଣ କୁମାର ପଣ୍ଡା
ମୁଖ୍ୟବକ୍ତା – ପ୍ରଫେସର ରାଜକିଶୋର ମିଶ୍ର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସାଂସ୍କୃତିକ କାର୍ଯ୍ୟକ୍ରମ – ସୀତାଂଶୁ ଶେଖର ରାଉତ, ବଶିଷ୍ଠ କୁମାର, ପ୍ରେମ୍ କୁମାର, ଅଞ୍ଜନି ରାଉତରାୟ, ତପସ୍ୱିନୀ ଓ ଶ୍ୱେତପଦ୍ମାଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0400/1819




## ମା' ଜଗଦ୍ଧାତ୍ରୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

**ବାଲିଆପାଳ,୧୮।୧୧(ସ୍ୱ.ପ୍ର.)**

ବାଲିଆପାଳ ବ୍ଲକ ପାହିଅସ୍ତି ଗ୍ରାମର ମା' ଜଗଦ୍ଧାତ୍ରୀ ସାହିତ୍ୟ ସଂସଦ ପକ୍ଷରୁ ଜଗଦ୍ଧାତ୍ରୀ ପୂଜାର ୨୫ବର୍ଷ ପୂର୍ତ୍ତି, ସଂସଦର ପଞ୍ଚମ ବାର୍ଷିକ ଉତ୍ସବ ଏବଂ ପ୍ରତିଭା ସମ୍ମାନ କାର୍ଯ୍ୟକ୍ରମ ଜାକଜମକରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ବର୍ଣ୍ଣାଢ଼୍ୟ ଉତ୍ସବରେ ବରିଷ୍ଠ ଶିକ୍ଷକ ନେତା ତଥା ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ବରେଣ୍ୟ ଅତିଥି ଭାବେ ବିଧାୟକ ନିତ୍ୟାନନ୍ଦ ସାହୁ, ଇଂ. ନନ୍ଦଦୁଲାଲ ଘଡ଼ାଇ ଯୋଗଦେଇ ଗ୍ରାମାଞ୍ଚଳରେ ସାହିତ୍ୟ ଓ ସଂସ୍କୃତିର ଜାଗରଣରେ ଅନୁଷ୍ଠାନର ପ୍ରମୁଖ ଭୂମିକାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଦୀନକୃଷ୍ଣ ସାହିତ୍ୟ ପରିଷଦ ଜଳେଶ୍ୱରର ସମ୍ପାଦକ ତଥା ପ୍ରାକ୍ତନ ପ୍ରାଧାପକ ବିପିନ ବିହାରୀ ବିଶ୍ୱାଳ, ସମ୍ମାନିତ ବକ୍ତା ଭାବେ କବି ବ୍ରଜେନ୍ଦ୍ର ନଥା ଗିରି, ଡା. ପ୍ରଦୀପ କୁମାର ମିଶ୍ର, ସମାଜସେବୀ ହରଗୋପାଳ ସିଂ, ସୁବାସ ଚନ୍ଦ୍ର ଦାସ ଏବଂ ଡା. ରତ୍ନାକର ଦାସ ଯୋଗଦେଇ ଗ୍ରାମାଞ୍ଚଳରେ ବିଭିନ୍ନ କ୍ଷେତ୍ରରେ ଥିବା ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣିବା ଏବଂ ପୂଜ୍ୟପୂଜାର ପରମ୍ପରା ଆଗାମୀ ପୀଢ଼ୀଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ ବୋଲି ମତ ପୋଷଣ କରିଥିଲେ। ଅନିରୁଦ୍ଧ ମଣ୍ଡଳ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ ଏବଂ ସୁବଳ ଚନ୍ଦ୍ର ମୈକାପ ଧନ୍ୟବାଦ ଅର୍ପଣ କରିଥିଲେ। ରମେଶ ଚନ୍ଦ୍ର ନାୟକ, ଭାଗିରଥି ପ୍ରଧାନ ଏବଂ ବିଜୟ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସକାଳ ଅଧିବେଶନକୁ ଜିଲାପରିଷଦ ସଦସ୍ୟ ନବକୁମାର ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେଠାରେ ନୃତ୍ୟ, ସଙ୍ଗୀତ, ଅଭିନୟ, କବିତା, ବକ୍ତୃତା ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥିମାନେ ପ୍ରତିଭା ସମ୍ମାନ ପ୍ରଦାନ କରିବା ସହିତ ମୁଖ୍ୟଅତିଥି ଏମ୍‌ପି ମ୍‌ଜେନା ଯା' ଦେବୀ ସର୍ବ ଭୂତେଷୁ ପତ୍ରିକାକୁ ଉନ୍ମୋଚନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଭିନେତ୍ରୀ କେଟି, କଣ୍ଠଶିଳ୍ପୀ ତାରିକ ପ୍ରମୁଖ ଯୋଗଦେଇଥିଲେ।

## ସଂକ୍ଷେପରେ

### ୪୫ ବସ୍ତା କୋଇଲା ଜବତ

ତିହିଡ଼ି, ୧୮।୧୧ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡି ଥାନା ଅଧୀନ ମଙ୍ଗଳପୁର ଓ ତଳମୁଷାଙ୍ଗ ରାସ୍ତାରୁ ୪୫ ବସ୍ତା କୋଇଲା ସ୍ଥାନୀୟ ପୋଲିସ ରବିବାର ମଧ୍ୟାହ୍ନରେ ଜବତ କରିଛି। ଏଥିସହ ୧୦ ସାଇକେଲ ମଧ୍ୟ ଜବତ କରାଯାଇଛି। କୋଇଲା ନେଇ ଯାଉଥିବା ବ୍ୟକ୍ତିମାନେ ଫେରାର ହୋଇଯାଇଥିବା ପୋଲିସ କହିଛି। ତେବେ ପୋଲିସ ଏନେଇ ତଦନ୍ତ ଜାରି ରଖିଛି।

### 'ମୋ ବୁଥ୍ ମୋ ଗୌରବ' ପ୍ରସ୍ତୁତି

ଭଦ୍ରକ ଅଫିସ, ୧୮।୧୧: ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ କଂଗ୍ରେସ କାର୍ଯ୍ୟାଳୟରେ 'ମୋ ବୁଥ୍ ମୋ ଗୌରବ' କାର୍ଯ୍ୟକ୍ରମ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାନସଭା କ୍ଷେତ୍ରର ନେତା ପୂର୍ବତନ ବିଧାୟକ ନରେନ ପଲେଇ ଏଥିରେ ସଭାପତିତ୍ୱ କରିଥିଲେ। ଆଗାମୀ ବିଧାନସଭା ନିର୍ବାଚନ ପାଇଁ ପ୍ରତ୍ୟେକ ବୁଥ୍‌କୁ ଶକ୍ତିଶାଳୀ କରିବା ଲାଗି ବୈଠକରେ ରଣକୌଶଳ ସ୍ଥିର ହୋଇଥିଲା। କାର୍ଯ୍ୟକାରୀ ସଭାପତି ନଳିନୀ ମହାନ୍ତି, ପିସିସି ସମ୍ପାଦକ ଦେବରୂପ ମହାନ୍ତି, ଗୋଲାମ ମହିଉଦ୍ଦିନ, ମିଡିଆ ସଂଯୋଜକ ଅତିଶ ଦାସ, ବରିଷ୍ଠ ନେତା ଦିଲୀପ ନାୟକ, ଅବଦୁଲ ମୋକିଦ ଖାଁ, ଆଶିଷ ରାଉତ, ଗୋପାଳ ତ୍ରିପାଠୀ, ଅନନ୍ତ ପଣ୍ଡା, ଜୁଲଫିକର ଅଲ୍ଲୀ, ଚିଦା ବାରିକ, କୁଟିଆ ନାୟକ, ପ୍ରଫୁଲ୍ଲ ସାମଲ, ବବି ମହାନ୍ତି, ଅଜଗର ଅଲ୍ଲୀ, ଗୌରୀ ଜେନା, ଗୁଟୁ ମହାପାତ୍ର, ଯୁବନେତା ଧବଳେଶ୍ୱର ପଣ୍ଡା, ଅତୁଲ୍ୟ ନାୟକ, ଶେଖ୍ ଫରଦ୍ଦିନ, ଆଶ୍ରଫ ଅଲ୍ଲୀ, ଖେଖ୍ ସମଦାନୀ, ଛାତ୍ରନେତା ବଳରାମ ରାଉତଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

### ଶତାଧିକ ମଧୁମେହ ରୋଗୀଙ୍କ ଚିକିତ୍ସା

ଭଣ୍ଡାରିପୋଖରୀ, ୧୮।୧୧(ଡି.ଏନ.ଏ.): ଭଣ୍ଡାରିପୋଖରୀ ବ୍ଲକ ବାରିକପୁରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଡାବର ଇଣ୍ଡିଆ ଲିଃ ପକ୍ଷରୁ ମଧୁମେହ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଡା. ନିରଞ୍ଜନ ଓଝାଙ୍କ ଦ୍ୱାରା ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଉତ୍ପାଦନ ବିଶେଷଜ୍ଞ ବିଭୁପ୍ରସାଦ ମିଶ୍ର, ସେଲ୍‌ସ ପ୍ରମୋଟର ପ୍ରେମାନନ୍ଦ ରାଉତ, ସାମାଜିକ କର୍ମୀ ପ୍ରସନ୍ନ ମହାପାତ୍ର, ପ୍ରଫୁଲ୍ଲ କୁମାର ସାହୁ, ପୁରୁଷୋତ୍ତମ ଧଳ, ଘନଶ୍ୟାମ ସ୍ୱାଇଁ, ଅକ୍ଷୟ ମହାନ୍ତି ପ୍ରମୁଖ ଶିବିର ପରିଚାଳନାରେ ସହାୟତା କରିଥିଲେ।

### ଓଷ୍ଟାର ମେଧାବୃତ୍ତି ପରୀକ୍ଷା

ଭଦ୍ରକ ଅଫିସ, ୧୮।୧୧- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ୨୦୧୮ ମେଧାବୃତ୍ତି ପରୀକ୍ଷା ରବିବାର ଚରମ୍ପାସ୍ଥିତ ରାମଚନ୍ଦ୍ର ବିହାରୀ ଲାଲ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକର ୫ଟି କେନ୍ଦ୍ରରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଆର୍‌ସିବିଏଲ୍ ହାଇସ୍କୁଲରେ ୨୭୭ ପିଲା ପରୀକ୍ଷା ଦେଇଥିଲେ। ଏହି କେନ୍ଦ୍ରକୁ ଭଦ୍ରକ ବ୍ଲକ ଅଧକ୍ଷ ରଘୁନାଥ ଧଳ ଉଦ୍‌ଘାଟନ କରିଥିଲେ। ଓଷ୍ଟାର ରାଜ୍ୟ ସମ୍ପାଦିକା ସୁରଜିତା ନାୟକ ଉଦ୍ଦେଶ୍ୟ ଜ୍ଞାପନ, ଶ୍ରୀକାନ୍ତ ପାଢ଼ୀ ଧନ୍ୟବାଦ ଦେଇଥିଲେ। ରାଜ୍ୟ ସମ୍ପାଦକ ଅକ୍ଷୟ ହୋତା, ଜିଲା ସମ୍ପାଦକ ପ୍ରଦୀପ୍ତ ଦାସ, ଦେବବ୍ରତ ତ୍ରିପାଠୀ, ସୁବାସ ବିଶ୍ୱାଳ, ଅଶୋକ ବିଶ୍ୱାଳ, ମୋନାଲିସା ସାହୁ, ଗୀତାଞ୍ଜଳି ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ଜନ ପରାମର୍ଶ ପଦଯାତ୍ରା

ଆରଡ଼ି, ୧୮।୧୧ (ଡି.ଏନ.ଏ.): ଧାମନଗର ବ୍ଲକ ପାଳସାହି ପଞ୍ଚାୟତରେ ଭାଜପା ପକ୍ଷରୁ 'ମୋର ଆଶା ନୂଆ ଓଡ଼ିଶା ଜନ ପରାମର୍ଶ ପଦଯାତ୍ରା' ରବିବାର ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଘାଟ ଶାସନ, ସାଆଁଳପୁର, ପାଳସାହି, ସାମ୍ରାଜ୍ୟବାଡି, ଜଗନ୍ନାଥବାଡି, ବଳସାହି, ମହାନ୍ତିସାହି ଆଦି ସ୍ଥାନରେ ପଦଯାତ୍ରା କରାଯାଇଥିଲା। ଦଳର ମଣ୍ଡଳ ସଭାପତି ସଦାଶିବ ପୋଥାଳ, ଧାମନଗର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ବିନ୍ଧ୍ୟାଧର ସାହୁ, ଜିଲା ଉପସଭାପତି ଚତୁର୍ଭୁଜ ନାୟକ, ପଞ୍ଚାୟତ ଶକ୍ତିକେନ୍ଦ୍ର ପ୍ରମୁଖ ମନୋରଞ୍ଜନ ବେହେରା, ପୂର୍ବତନ ସରପଞ୍ଚ ଭାଗୀରଥି ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ଅଭୟ ନାୟକ, ସୁଜୟ ମିଶ୍ର, ଯୁବମୋର୍ଚ୍ଚା ସଭାପତି କପିଳଦେବ ବିଶ୍ୱାଳ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣରେ ପାତରଅନ୍ତର, ପାଇଖାନା ଯୋଗାଣରେ ଅନିୟମିତତା, ରାଶନ କାର୍ଡ ପ୍ରଦାନରେ ଅବହେଳା ସମ୍ପର୍କରେ ସେମାନଙ୍କ ହକ୍ ପାଇବା ନେଇ ଭାଜପା ନେତାମାନେ ଲୋକଙ୍କୁ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବହୁ ପରିବାର ସେମାନଙ୍କ ଅଭିଯୋଗ ଦର୍ଶାଇଥିଲେ। ଭାଜପା ନେତାମାନେ ଲୋକଙ୍କ ଅଭିଯୋଗ ସମ୍ବଳିତ ଦସ୍ତଖତ ସଂଗ୍ରହ କରି ରାଜ୍ୟ ଭାଜପା କାର୍ଯ୍ୟାଳୟରେ ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ।

# ଚାନ୍ଦବାଲିକୁ ସବ୍‌ଡିଭିଜନ ଘୋଷଣା ଦାବି ତେଜିଲା

(ଅଶୋକ କୁମାର ପଣ୍ଡା)

ଚାନ୍ଦବାଲି, ୧୮।୧୧ (ଡି.ଏନ.ଏ.)

ଭୌଗୋଳିକ ଅବସ୍ଥିତି, ଜନସଂଖ୍ୟା ଏବଂ ଯୋଗାଯୋଗ ସମସ୍ୟାକୁ ଦୃଷ୍ଟିରେ ରଖି ଭଦ୍ରକ ଜିଲାର ନଈନାଳ ଘେରା ଉପକୂଳ ଅଞ୍ଚଳ ଚାନ୍ଦବାଲିକୁ ସବ୍‌ଡିଭିଜନ ମାନ୍ୟତା ଦେବା ଲାଗି ଦୀର୍ଘଦିନରୁ ଦାବି ହୋଇଆସୁଛି। ପ୍ରଶାସନକୁ ଲୋକାଭିମୁଖୀ କରିବା ପାଇଁ ସରକାର ଯୋଜନା କରୁଥିବାବେଳେ ଅଞ୍ଚଳବାସୀଙ୍କ ଦାବିକୁ ଉପେକ୍ଷା କରାଯାଉଥିବାରୁ ଚାନ୍ଦବାଲି ସଂଗ୍ରାମ ସେନା ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। ସବ୍‌ଡିଭିଜନ ଘୋଷଣା ପାଇଁ ଏଠାରେ ଆବଶ୍ୟକ ଭିତ୍ତିଭୂମି ରହିଛି। ପ୍ରାଚୀନ ଚାନ୍ଦବାଲି ବନ୍ଦର ଅଞ୍ଚଳର ଗୌରବ ବଢ଼ାଇଛି। ଏକଦା ଜଳପଥ ପରିବହନ ଓ ନୌବାଣିଜ୍ୟ କ୍ଷେତ୍ରରେ ଚାନ୍ଦବାଲି ପ୍ରାଚୀନ ଉତ୍କଳର ପ୍ରବେଶପଥ ମାନ୍ୟତା ପାଇଥିଲା। ପ୍ରଶାସନିକ ଅବହେଳା ସାଙ୍ଗକୁ ଅଣଦେଖା ଓ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହି ଅଞ୍ଚଳ ବିକାଶ କ୍ଷେତ୍ରରେ ପଛୁଆ ହୋଇ ରହିଛି। ଏଣୁ ସାମଗ୍ରିକ ବିକାଶ ଲାଗି ଚାନ୍ଦବାଲିକୁ ସବ୍‌ଡିଭିଜନ ଘୋଷଣା ଦାବିରେ ଏଥର କାଳୀପୂଜା ଅବସରରେ ସଂଗ୍ରାମ ସେନା ଆରମ୍ଭ କରିଛି ପୋଷ୍ଟକାର୍ଡ ଅଭିଯାନ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧ ଲକ୍ଷ ପୋଷ୍ଟକାର୍ଡ ଲେଖି ପଠାଇବାକୁ ଲକ୍ଷ୍ୟ ରଖାଯାଇଥିବା ସେନା ପକ୍ଷରୁ ସୂଚନା ଦିଆଯାଇଛି।



ସଂଗ୍ରାମ ସେନା ପକ୍ଷରୁ ପୋଷ୍ଟକାର୍ଡ ଲେଖା ଚାଲିଛି।

- ସଂଗ୍ରାମ ସେନା ପକ୍ଷରୁ ପୋଷ୍ଟକାର୍ଡ ଲେଖା ଅଭିଯାନ
- ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯିବ ୧ ଲକ୍ଷ ପୋଷ୍ଟକାର୍ଡ

ଭଦ୍ରକ ଜିଲା ମୁଖ୍ୟାଳୟରୁ ଚାନ୍ଦବାଲିର ଦୂରତା ପ୍ରାୟ ୫୨ କି.ମି.। ଏଠାରେ ଏନ୍‌ଏସି, କୋର୍ଟ, ଡିଭିଜନାଲ୍ ଫରେଷ୍ଟ ଅଫିସ, ଜଳସମ୍ପଦ, ପୂର୍ତ୍ତ ଓ ଗୃହ ନିର୍ମାଣ, ଗ୍ରାମ୍ୟ ଉନ୍ନୟନ, ଭାରତ ସଞ୍ଚାର ନିଗମ, ସବ୍‌ଡିଭିଜିନାଲ ପୋଲିସ, ପାଣିପାଗ, ସବ୍‌ରେଜିଷ୍ଟ୍ରର, ସବ୍‌ଟ୍ରେଜେରୀ ପରି ଗୁରୁତ୍ୱପୂର୍ଣ୍ଣ ଅଫିସ କାର୍ଯ୍ୟ କରୁଛି। କୋଠାବାଡ଼ି ନିର୍ମାଣ ପାଇଁ ସରକାରୀ ଜମି ମଧ୍ୟ ରହିଛି। ସାମାଜିକ, ଅର୍ଥନୈତିକ ଦିଗକୁ ବିଚାରକୁ ନେଲେ ଚାନ୍ଦବାଲି ସବ୍‌ଡିଭିଜନ ମାନ୍ୟତାକୁ ଅପେକ୍ଷା ରଖୁଛି। ସମ୍ପ୍ରତି ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ନୂତନ ସବଡିଭିଜନ ତାଲିକାରେ ଚାନ୍ଦବାଲିର ନାଁ ନ ରହିବା ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଛି। ଏଭଳି ଉପେକ୍ଷା ଦୁର୍ଭାଗ୍ୟଜନକ ବୋଲି ସଂଗ୍ରାମ ସେନା ଆବାହକ ସଂଗ୍ରାମ କେଶରୀ ରାଉତ କହିଛନ୍ତି। ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି ଯେ, ଚାନ୍ଦବାଲିକୁ ରାଜସ୍ୱ ସବ୍‌ଡିଭିଜନ ମାନ୍ୟତା ଦେବା ସକାଶେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଏହାକୁ ନେଇ ଶସ୍ତା ରାଜନୀତି କରା ନ ଯାଉ। ତେବେ ରାଜ୍ୟ ମହିଳା କଂଗ୍ରେସର ସାଧାରଣ ସମ୍ପାଦିକା ସୁଲୋଚନା ନାୟକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଅନ୍ତର୍ଜାତୀୟ ଗୁରୁତ୍ୱ ବହନ କରୁଥିବା ଚାନ୍ଦବାଲିକୁ ସବ୍‌ଡିଭିଜନ ମାନ୍ୟତା ମିଳିବାରେ ବିଳମ୍ବ ହେବା ଘଟଣାକୁ ବରଦାସ୍ତ କରାଯାଇପାରିବ ନାହିଁ। ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲାର ମଧ୍ୟସ୍ଥଳୀ ଚାନ୍ଦବାଲି ରାଜସ୍ୱ ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସ୍ଥାନ ବୋଲି ଚଡଦିଆର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ନାୟକ କହିଛନ୍ତି।

ବ୍ରିଟିଶ ଶାସନ ସମୟରେ ପ୍ରାଚୀନ ବନ୍ଦର ଚାନ୍ଦବାଲି ରାଜ୍ୟର ଗୌରବ ବଢ଼ାଇଥିଲା। ଏହା ଏକ ବିକଶିତ ସହରରେ ପରିଣତ ହୋଇଥିଲା। ଦେଶ ସ୍ୱାଧୀନ ହେବା ପରେ ଏହି ଅଞ୍ଚଳ କ୍ରମେ ଅବହେଳିତ ହୋଇପଡ଼ିଛି। ଦୀର୍ଘଦିନର ଦାବି ପରେ ବିଳମ୍ବ ହେଲେ ବି ଚାନ୍ଦବାଲିକୁ ଏନ୍‌ଏସି ମାନ୍ୟତା ଦିଆଯାଇଛି। ହେଲେ ଚାନ୍ଦବାଲି ସହରର ବିକାଶ କେବଳ ଯୋଜନାରେ ସୀମିତ ହୋଇ ରହିଛି। ଏହି ପରିପ୍ରେକ୍ଷୀରେ ଚାନ୍ଦବାଲିକୁ ରାଜସ୍ୱ ସବ୍‌ଡିଭିଜନ ଭାବେ ଗଠନ କରିବା ଦାବି ଜୋର ଧରିଛି। ବିଭିନ୍ନ ସାମାଜିକ ସଂଗଠନ ଓ ବ୍ୟକ୍ତିବିଶେଷ ଏନେଇ ଉଦ୍ୟମ ଆରମ୍ଭ କରିଛନ୍ତି। ଗତ ମେ ମାସରେ ଚାନ୍ଦବାଲିରେ ସର୍ବଦଳୀୟ ବୈଠକ ବସି ସବ୍‌ଡିଭିଜନ ଘୋଷଣା ଦାବି କରି ଏ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। କିନ୍ତୁ ସରକାର ସବ୍‌ଡିଭିଜନ ଦାବିକୁ ଅଣଦେଖା କରିବାରୁ ଏବେ ଆନ୍ଦୋଳନ ଲାଗି ସଜବାଜ ଆରମ୍ଭ ହୋଇଛି। ସଂଗ୍ରାମ ସେନା ପ୍ରଥମ ପଦକ୍ଷେପ ସ୍ୱରୁପ ପୋଷ୍ଟକାର୍ଡ ଲେଖା ଅଭିଯାନ ଆରମ୍ଭ କରି ରଣହୁଙ୍କାର ଦେଇଛି। ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ମଧ୍ୟ ପ୍ରତିଦିନ ପୋଷ୍ଟକାର୍ଡ ପ୍ରେରଣ କରାଯାଉଛି। ରାଜ୍ୟ ସରକାର ଅଞ୍ଚଳବାସୀଙ୍କ ଦାବିକୁ ଉପେକ୍ଷା କଲେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସେନା ପକ୍ଷରୁ କୁହାଯାଇଛି।

## ବିଦ୍ୟାଳୟରେ ବୋଇତ ତିଆରି ପ୍ରତିଯୋଗିତା

ଧାମନଗର, ୧୮।୧୧(ଡି.ଏନ.ଏ.)

ଧାମନଗର ବ୍ଲକ ଖଡ଼ିପଦା ନୋଡାଲ ଉ.ପ୍ରା. ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ନେଇ ବୋଇତ ତିଆରି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବୋଇତ ତିଆରି ପ୍ରତିଯୋଗିତାରେ ଛାତ୍ର ଦୀପକ କୁମାର ପୃଷ୍ଟି ୧ମ, ସ୍ୱାତୀସ୍ମିତା ଦାଶ ୨ୟ ଏବଂ ସଚିନଗୋପଳ ସାହୁ ୩ୟ ସ୍ଥାନ ଅଧିକାର କରିଥିଲେ। ଶିକ୍ଷାବିତ୍ ସନ୍ତୋଷ କୁମାର ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ମନୋଜ କୁମାର ଜେନାଙ୍କ ଅଧ୍ୟକ୍ଷତାରେ କର୍ମଶାଳା ଆୟୋଜିତ ହୋଇଥିଲା। ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ଯୋଜନା ସଂଯୋଜକ ବିଭୁଦତ୍ତ ରାଉତ, ଶିକ୍ଷା ବିଜ୍ଞାନ ସଂଯୋଜକ ବିଶ୍ୱନାଥ ନାୟକ, ସିଆର୍‌ସିସି ସେକ୍ ଶ୍ୟାମସୁଦ୍ଦିନ୍, ଖଙ୍ଗରା ସିଆର୍‌ସିସି ମନ୍ମଥ ରାଉତ, ପରିଚାଳନା କମିଟି ସଭାପତି ରବିନାରାୟଣ ଦାଶ ପ୍ରମୁଖ ଯୋଗଦେଇ ଶିକ୍ଷଣ କର୍ମଶାଳା ଶିଶୁର ସୃଜନ ଶକ୍ତି ବିକାଶରେ ପ୍ରେରଣା ଯୋଗାଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଛାତ୍ରୀ ଶ୍ରଦ୍ଧାସୁମନ ତ୍ରିପାଠୀ ଓ ପବିତ୍ରା ସାହୁ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଶିକ୍ଷକ ଶରତ କୁମାର ସାହୁ ଉଦ୍ଦେଶ୍ୟ ଜ୍ଞାପନ ଏବଂ ସୌମ୍ୟରଞ୍ଜ ସାହୁ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ମାଳତୀ ପାଣିଗ୍ରାହୀ, ଭଗବତୀ ପାଣିଗ୍ରାହୀ, ଜ୍ୟୋତ୍ସ୍ନାରାଣୀ ଯେନା, ମଧୁସ୍ମିତା ସାହୁ, ବିଦ୍ୟାଧର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାସ୍ତାରେ ଡ୍ରେନ ପାଣି

ଭଦ୍ରକ ଅଫିସ, ୧୮।୧୧

ଭଦ୍ରକ ପୌରପାଳିକାଠାରୁ ମାତ୍ର ୨ କି.ମି ମଧ୍ୟରେ କୁଆଁଶ କରସାହି ରାସ୍ତାରେ ଡ୍ରେନପାଣି ଭାସୁଛି। ଏହି ସମସ୍ୟା ନେଇ ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ୧ ବର୍ଷ ବିତିଲାଣି। ହେଲେ କୌଣସି ସୁଫଳ ମିଳୁନି। ପୌରପାଳିକା ନୀରବଦ୍ରଷ୍ଟା ସାଜି ବସିଛି। ଏ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନାହିଁ। ରାସ୍ତା ମରାମତି ଓ ଡ୍ରେନ ନିର୍ମାଣ ପାଇଁ ଦାବି ହୋଇଆସୁଛି। ବର୍ଷାଦିନେ ଲୋକେ ଘରୁ ବାହାରି ପାରୁନାହାନ୍ତି। ଶୀତଦିନେ ମଧ୍ୟ ରାସ୍ତା ଅବସ୍ଥା ବେହାଲ। ନିକଟରେ ରହିଛି ମଙ୍ଗଳା ମନ୍ଦିର ଓ ଇସ୍କନ ମନ୍ଦିର। ଦୈନିକ ୨ ମନ୍ଦିରକୁ ଶତାଧିକ ଶ୍ରଦ୍ଧାଳୁ ଆସିଥାନ୍ତି। ଏହାଛଡ଼ା ଉକ୍ତ ରାସ୍ତା ଉପରେ ୫ ଶହ ପରିବାର ନିର୍ଭର କରନ୍ତି। ପୌରପାଳିକା ଅନ୍ତର୍ଗତ ୧୫ ନମ୍ବର ୱାର୍ଡ ଅଧିବାସୀଙ୍କ ପକ୍ଷରୁ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ରାସ୍ତା ସମସ୍ୟା ନେଇ ଅଭିଯୋଗ କରାଯାଇଛି। ରାସ୍ତା ମରାମତି ସହ ଡ୍ରେନ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ମିଳୁଛି। ହେଲେ କାର୍ଯ୍ୟକାରୀ ହେଉନି। କୁଆଁଶ କରସାହି ରାସ୍ତାର ମାଧବ ନାୟକଙ୍କ ଘରଠାରୁ ମା' ବୁଢ଼ୀ ଜାଗୁଳାଇ ମନ୍ଦିର ପର୍ଯ୍ୟନ୍ତ ପକ୍କାରାସ୍ତା ଉପରେ ସବୁ ସମୟରେ ଦୂଷିତ ଡ୍ରେନ ଜଳ ପ୍ରବାହିତ ହେଉଥିବାରୁ ସ୍ଥାନୀୟ ବାସିନ୍ଦା ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହୁଥିବା ନେଇ ଅଭିଯୋଗ ହୋଇଛି। ଚିନ୍ତାମଣି ଖୁଣ୍ଟିଆ, ସୁବାସ ଚନ୍ଦ୍ର ମହାନ୍ତି, ଦେବରାଜ ସାହୁ, ସୁଶାନ୍ତ ମିଶ୍ର, ବୀରେନ୍ଦ୍ର ପଣ୍ଡା, ସନ୍ତୋଷ କୁମାର ମହାରଣା, ପାର୍ବତୀ ମିଶ୍ର ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପୌରପାଳିକା ଓ ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।



ଜଣେ ବିକାଳି ଡ୍ରେନପାଣିରେ ପଶି ଯାଉଛନ୍ତି।

## ବିବାହ ଶୋଭାଯାତ୍ରାରେ ବାହାରିଲେ ଶ୍ରୀ ବଳଦେବ ଜୀଉ

ବାସୁଦେବପୁର, ୧୮।୧୧(ଡି.ଏନ.ଏ.)

ବାସୁଦେବପୁର ଅଞ୍ଚଳ ନିକଟବର୍ତ୍ତୀ ଗୁଡ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜୀଉ ଦେବୀ ତୁଳସୀଙ୍କୁ ବିବାହ ପାଇଁ ତୁଳସୀକ୍ଷେତ୍ର କେନ୍ଦ୍ରାପଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ରବିବାର ଶ୍ରୀ ବଳଦେବଜୀଉ ବରଯାତ୍ରୀ ଧରି ଶୋଭାଯାତ୍ରାରେ ମନ୍ଦିର ପରିସରରୁ ବାହାରିଛନ୍ତି। ଶତାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ସକାଳେ ଶ୍ରୀ ଶ୍ରୀ ବଳଦେବ ବିଗ୍ରହଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହାପରେ ମହାପ୍ରଭୁଙ୍କ ବିଗ୍ରହକୁ ସୁସଜ୍ଜିତ କରି ଏକ ଘୋଡ଼ା ଗାଡ଼ିରେ ବସାଇ ବାଜା ରୋଷଣୀରେ ଗାଁ ପରିକ୍ରମା କରାଯାଇଥିଲା। ଶ୍ରୀ ବଳଦେବଜୀଉ ପ୍ରଥମେ ଜାମୁଝାଡ଼ିସ୍ଥିତ ଶିବମନ୍ଦିରରେ ହରିହରଙ୍କୁ ଭେଟ କରିବେ। ପରେ କେନ୍ଦ୍ରାପଡାର ବାଲିଚନ୍ଦ୍ରପୁର ଚାରିଲିଙ୍ଗଳସ୍ଥିତ ଶିବମନ୍ଦିରରେ ମଧ୍ୟାହ୍ନ ଧୂପ କରାଯିବ। ବ୍ରହ୍ମବରଦାରେ ରାତ୍ରିଯାପନ କରିବେ। ମଙ୍ଗଳବାର ଗରୁଡ ଦ୍ୱାଦଶୀ ଅବସରରେ ଛତାମଠରେ ନାବକେଳୀ କରିବେ। ପରେ ମାହାଙ୍ଗାରେ ଭଦ୍ରେଶ୍ୱର ଶିବମନ୍ଦିରରେ କନ୍ଦରାସୁର ପୋଡ଼ି ଉତ୍ସବ ସମ୍ପନ୍ନ ହେବ। ସେଠାରେ ଶ୍ରୀ ବଳଦେବ ଓ ତୁଳସୀ ଦେବୀଙ୍କ ପୂର୍ବ ପରମ୍ପରା ଅନୁସାରେ ବିବାହ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ଓ ସେବାୟତ କମିଟି ପକ୍ଷରୁ କୁହାଯାଇଛି। ଠାକୁର ନିଯୋଗୀ ଶମ୍ଭୁନାଥ ପଣ୍ଡା, ମୃତ୍ୟୁଞ୍ଜୟ ପଣ୍ଡା, ବଳରାମ ପଣ୍ଡା, ଗଜେନ୍ଦ୍ର ଦାସ, ସୁକୁମାର ଦାସ ପ୍ରମୁଖ ଏହି ଶୋଭାଯାତ୍ରାରେ ଯାଇଛନ୍ତି। ବିବାହ ଉତ୍ସବ ସାରି ମହାପ୍ରଭୁ ବଳଦେବ ୨୦ ତାରିଖ ସନ୍ଧ୍ୟା ସୁଧା ମନ୍ଦିରକୁ ବିଜେ କରିବେ। ୨୩ ତାରିଖ ସନ୍ଧ୍ୟାରେ ଗୁଡ ମନ୍ଦିରରେ ବଳଦେବଙ୍କ ଚତୁର୍ଥୀ ସମାରୋହ ଅନୁଷ୍ଠିତ ହେବ।



ଶ୍ରୀ ବଳଦେବ ଜୀଉଙ୍କ ବିଗ୍ରହଙ୍କୁ ଘୋଡ଼ାଗାଡ଼ିରେ ବସାଇ ଶୋଭାଯାତ୍ରାରେ ନିଆଯାଉଛି।

## ବାସୁଦେବପୁର ଏକ୍ସକ୍ୟାଡର ଶିକ୍ଷକ ସଂଘ ଗଠିତ

ବାସୁଦେବପୁର, ୧୮।୧୧(ଡି.ଏନ.ଏ.)

ବାସୁଦେବପୁର ଟାଉନ ହଲ୍‌ଠାରେ ରବିବାର ଏକ୍ସକ୍ୟାଡର ଶିକ୍ଷକଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବସମ୍ମତିକ୍ରମେ ଏକ୍ସକ୍ୟାଡର ଶିକ୍ଷକ ସଂଘ ଗଠନ କରାଯାଇଛି। ସଂଘର ସଭାପତି ଭାବେ ଅକ୍ଷୟ କୁମାର ଅଧିକାରୀ ଓ ସମ୍ପାଦକ ଭାବେ ସୁଦର୍ଶନ ମିଶ୍ରଙ୍କୁ ନିର୍ବାଚିତ କରାଯାଇଛି। କୋଷାଧ୍ୟକ୍ଷ ଭାବେ ବିଚିତ୍ରାନନ୍ଦ ଜେନାଙ୍କ ସମେତ ୫ ସହସମ୍ପାଦକ ଓ ୫ ଉପସଭାପତି ମନୋନୀତ ହୋଇଛନ୍ତି। ସେହିପରି ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଉପଦେଷ୍ଟା ଏବଂ ଅସିତ କୁମାର ଦାଶ, ନିରଞ୍ଜନ ଅଧିକାରୀ, ତାରାକାନ୍ତ ସାମଲ, ନିତ୍ୟାନନ୍ଦ ବିଶ୍ୱାଳ, ଶରତ ଚନ୍ଦ୍ର ବେହେରା, ଖଗେଶ୍ୱର ବାରିକଙ୍କୁ ସହଉପଦେଷ୍ଟା ଭାବେ ଚୟନ କରାଯାଇଛି। ଶିକ୍ଷକ ନିତ୍ୟାନନ୍ଦ ବିଶ୍ୱାଳ ବୈଠକରେ ସଭାପତିତ୍ୱ କରିଥିଲେ। ଯୁବନେତା ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏକ୍ସକ୍ୟାଡର ଶିକ୍ଷକଙ୍କ ସମସ୍ୟା ସମାଧାନ ଦିଗରେ ଆଲୋକପାତ କରିଥିଲେ। ସଂଘର ରାଜ୍ୟ ସଭାପତି ଶରତ ଚନ୍ଦ୍ର ନାୟକ ଯୋଗଦେଇ ଏହି ଶିକ୍ଷକଙ୍କ ଦାବି ଯଥାର୍ଥ, ଏହାକୁ ରାଜ୍ୟ ସରକାର ମାନି ନେଇ ତୁରନ୍ତ ହସ୍ତକ୍ଷେପ କରି ସମାଧାନ ଦିଗରେ ପଦକ୍ଷେପ ନେବାକୁ ମତ ରଖିଥିଲେ। ଜିଲା ସଂଘ ସଭାପତି ଅନ୍ତର୍ଯ୍ୟାମୀ ନାୟକ ଏକ୍ସକ୍ୟାଡର ଶିକ୍ଷକମାନେ ସଂଗଠିତ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଜଣାଇଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ପୋଇ ଅତିଥି ପରିଚୟ ଓ ତାରାକାନ୍ତ ସାମଲ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ରଜତ ରଞ୍ଜନ ରାୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିବା ବେଳେ ଆଶୁତୋଷ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରତିଭା ଦେଖାଇଲେ ୧୨୦ ପ୍ରତିଯୋଗୀ

ତିହିଡ଼ି, ୧୮।୧୧ (ଡି.ଏନ.ଏ.)

ତିହିଡ଼ି ବ୍ଲକ ବିଲଣା ପଞ୍ଚାୟତରେ ରବିବାର 'ମୁଁ ହିରୋ ମୁଁ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବତୀ ଯୁବକଙ୍କ ମଧ୍ୟରେ ଏକକ ଅଭିନୟ, ନୃତ୍ୟ, ସଙ୍ଗୀତ, ତର୍କ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୨୦ ପ୍ରତିଯୋଗୀ ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ବିଜୁ ଯୁବବାହିନୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଭାଗୀରଥି ମଲ୍ଲିକଙ୍କ ପୌରୋହିତ୍ୟରେ ଉଦ୍‌ଘାଟନ ଉତ୍ସବକୁ ଲକ୍ଷ୍ମୀକାନ୍ତ ନାୟକ ସଞ୍ଚାଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ କମଳାକାନ୍ତ ଦାସ, ଧାମନଗର ବିଧାୟକଙ୍କ ପ୍ରତିନିଧି ଚିନ୍ତାମଣି ଦାସ, ଗୁଆମାଳ ସରପଞ୍ଚ ପ୍ରଦୀପ କୁମାର ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘର ଜିଲା ସମ୍ପାଦକ ମନୋରଞ୍ଜନ ନାୟକ, ପୂର୍ବତନ ସରପଞ୍ଚ ହରେକୃଷ୍ଣ ଜେନା, ପଞ୍ଚାୟତ ଅଧିକାରୀ ତରଣୀସେନ ବାରିକ, ଯୁବବାହିନୀ ଜିଲା ସଂଯୋଜକ ପ୍ରଦୀପ ପ୍ରଧାନ, ବ୍ଲକ ସଂଯୋଜକ ପ୍ରଶାନ୍ତ ଖଟୁଆ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଯୁବବାହିନୀ ସଭାପତି ତପନ ପରିଡ଼ା, ସମ୍ପାଦକ ଲକ୍ଷ୍ମୀକାନ୍ତ ସେନାପତି, ସତ୍ୟନାରାୟଣ ବାରିକ, ସରୋଜ ବେହେରା, ଦିବାକର ବେହେରା, ବିଶ୍ୱନାଥ ଭଞ୍ଜ, ସୂର୍ଯ୍ୟମଣି ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

## ଶିକ୍ଷାବିତ୍ ପୀତାମ୍ବରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ

ଭଦ୍ରକ ଅଫିସ, ୧୮।୧୧

ଭଦ୍ରକ ଟାଉନ ହଲ୍ ପରିସରରେ ଶନିବାର ଶିକ୍ଷାବିତ୍ ପୀତାମ୍ବର ସ୍ୱାଇଁଙ୍କ ୮୭ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଓ ଉଦ୍‌ଘାଟକ ଭାବେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନଗୋ ଯୋଗଦେଇ ସ୍ୱର୍ଗତ ପୀତାମ୍ବରଙ୍କ ବହୁମୁଖୀ ପ୍ରତିଭାର ବର୍ଣ୍ଣନା କରିଥିଲେ। ସ୍ମୃତି ସଂସଦର ଉପଦେଷ୍ଟା ଆଇନଜୀବୀ ନିରାକାର ଜେନା କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ରମେଶ ଚନ୍ଦ୍ର ଦାସ, ଡ. ସ୍ୱାଇଁଙ୍କ ଜ୍ୟେଷ୍ଠପୁତ୍ର ଖାରବେଳ ସ୍ୱାଇଁ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ବାଗ୍ମୀ ପ୍ରଫେସର ଡ. ବ୍ରଜମୋହନ ମିଶ୍ରଙ୍କୁ ରାଜ୍ୟସ୍ତରୀୟ ବାଗ୍ମିତା ସମ୍ମାନ ଓ କୃଷି ବିଶେଷଜ୍ଞ ପ୍ରାଧ୍ୟାପକ ଡ. ହୃଷୀକେଶ ଗିରିଙ୍କୁ ଜିଲାସ୍ତରୀୟ ବିରଳ ବ୍ୟକ୍ତିତ୍ୱ ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ଡ. କ୍ଷୀରୋଦ ସାମଲ, ଅନାଦି ଦାସ ଓ କବି ଅଶୋକ ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମ୍ପାଦକ ଡ. ଶଶଧର ଦାସ ସମ୍ପାଦକୀୟ ବିବରଣୀ ଓ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ହୃଦାନନ୍ଦ ପାଣିଗ୍ରାହୀ, ରବୀନ୍ଦ୍ର ବେହୁରିଆ, ସୀତାକାନ୍ତ ପତ୍ରୀ, ଶ୍ରୀହର୍ଷ ସ୍ୱାଇଁ, ପ୍ରଦୋଷ ସ୍ୱାଇଁ, ଅକ୍ଷୟ ନାୟକ, ରବୀନ୍ଦ୍ର ମହାନ୍ତି, ଦୀପକ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

■ ୨ ବର୍ଷ ଧରି ମିଳିନି ଦରମା

## ଜଳସେଚନ କର୍ମଚାରୀଙ୍କ ଧାରଣା ଚେତାବନୀ

ବାସୁଦେବପୁର, ୧୮।୧୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଜଳସେଚନ ବିଭାଗରେ କାର୍ଯ୍ୟରତ ୫ ଅସ୍ଥାୟୀ କର୍ମଚାରୀଙ୍କୁ ୨ ବର୍ଷ ଧରି ମିଳି ନାହିଁ। ସେମାନେ ନିୟମିତ କାର୍ଯ୍ୟ କରିଆସୁଥିବାବେଳେ ବିଭାଗ ପକ୍ଷରୁ ସେମାନଙ୍କୁ ଦରମା ଦିଆଯାଉ ନ ଥିବା ଅଭିଯୋଗ କରିଛନ୍ତି। ଏହି ୫ କର୍ମଚାରୀ ହେଲେ ଗୋପୀନାଥ ରଣା, ରଘୁନାଥ ପୁହାଣ, ବୃନ୍ଦାବନ ଭଞ୍ଜ, ଦିବାକର ଦାସ ଓ ନିହାରିକା ଭଞ୍ଜ। ରବିବାର ଅପରାହ୍ନରେ ବାସୁଦେବପୁରରେ ଏକ ଖବରଦାତା ସମ୍ମିଳନୀ ଡକାଇ ସେମାନଙ୍କୁ ଦରମା ନ ମିଳିବା ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଛନ୍ତି। ତୁରନ୍ତ ସେମାନଙ୍କୁ ଦରମା ପ୍ରଦାନ ଲାଗି ବିଭାଗ ପକ୍ଷରୁ ପଦକ୍ଷେପ ନିଆ ନ ଗଲେ ୫ କର୍ମଚାରୀ ସପରିବାର ଜଳସେଚନ ବିଭାଗ କାର୍ଯ୍ୟାଳୟ ସାମ୍ନାରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ସେମାନଙ୍କ ପ୍ରତି ହୋଇଥିବା ଅବିଚାର ନେଇ ସେମାନେ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗ ସେମାନଙ୍କୁ ଦରମା ଓ ବକେୟା ପ୍ରାପ୍ୟ ଦେଉ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ।

## 'ଭବିଷ୍ୟତ ଗଠନରେ ଶିଶୁ ସାହିତ୍ୟିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'

ଭଦ୍ରକ ଅଫିସ, ୧୮।୧୧

ଭଦ୍ରକ ଶହୀଦ ସ୍ମୃତି ଭବନରେ ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟସ୍ତରୀୟ ଦ୍ୱିଦିବସୀୟ ଓଡ଼ିଆ ଶିଶୁ ସାହିତ୍ୟ ସମ୍ମେଳନ ଅନୁଷ୍ଠିତ ହୋଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିଶୁ ସାହିତ୍ୟିକମାନେ ଦେଶର ଭବିଷ୍ୟତ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ ସାମଲ ଏହି ଅବସରରେ କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ଇଂ. ଅଭୟ ସୂତାର ପୌରୋହିତ୍ୟ ଓ ଅଧ୍ୟାପକ ନୀହାର ରଞ୍ଜନ କର ସଂଯୋଜନା କରିଥିଲେ। ବିଧାୟକ ଯୁଗଳ କିଶୋର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଆ ଶିଶୁ ସାହିତ୍ୟକୁ ଭଦ୍ରକର ଅବଦାନ ଅତୁଳନୀୟ ବୋଲି କହିଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ବିଶିଷ୍ଟ ଅତିଥି, ଶିଶୁ ସାହିତ୍ୟ ଗବେଷକ ଡ. ମନୀନ୍ଦ୍ର ମହାନ୍ତି ଅନ୍ୟତମ ଅତିଥି, ସାହିତ୍ୟିକ ମହେଶ୍ୱର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ବହଳୀ ସ୍ୱାଗତ ଭାଷଣ, ନାଟ୍ୟଶ୍ରୀ ନିର୍ମଳ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଞ୍ଜୟ ଛୁଆଳସିଂହ ଧନ୍ୟବାଦ ଦେଇଥିଲେ।

ରୁଦ୍ରମାଧବ ବାରିକଙ୍କ ନିର୍ଦ୍ଦେଶନାରେ ଶ୍ରୀଜଗନ୍ନାଥ ସାଂସ୍କୃତିକ କଳାକାର ସଂଘର ଛାତ୍ରୀଛାତ୍ର ଓ କଣ୍ଠଶିଳ୍ପୀ ଦେବେନ୍ଦ୍ର ପ୍ରସାଦ ପଣ୍ଡା ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ। ଏହି ଅବସରରେ ହରମୋହନ କୁଅଁରଙ୍କ ରଚିତ 'ଜହ୍ନିଫୁଲ ଠୋ ଠା', ମୁରଲୀଧର ପରିଡ଼ାଙ୍କ ରଚିତ 'ଚାଷୀ ଚଉତିଷା' ଏବଂ ଗୋବିନ୍ଦ ପ୍ରସାଦ ଭଟ୍ଟାଚାର୍ଯ୍ୟଙ୍କ 'ଅଇଲାଣି ବିଲେଇ' ପୁସ୍ତକକୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଡ. ଶଶଧର ଦାସଙ୍କ ପୌରୋହିତ୍ୟରେ 'ଓଡ଼ିଆ ଭାଷାର ଭବିଷ୍ୟତ ଓ ଶିଶୁ ସାହିତ୍ୟ' ଆଲୋଚନାଚକ୍ରକୁ ନେଇ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ, ଡ. ସୁନାମଣି ରାଉତ, ମାନସ ରଞ୍ଜନ ସାମଲ ଅତିଥି ଭାବେ ଯୋଗ ଦେଇଥିଲେ। ଡ. ଦିଗରାଜ ବ୍ରହ୍ମା, ଶରତ କୁମାର ନାୟକ, ରାଜକିଶୋର ପାଢ଼ୀ ଆଲୋଚକ ଭାବେ ଅଂଶଗ୍ରହଣ କରିଥିଲେ। କବୟିତ୍ରୀ ମନୋରମା ରାୟ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ସାହିତ୍ୟିକ ଗୌତମ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ।




କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

# ଆକର୍ଷଣ ଥାଇ ବି ଅବହେଳିତ

ବିଶୋଇ,୧୮।୧୧(ଅମିତ କୁମାର ଦାସ)



ଧଳଧଳି ପଥରଘେର ଜଳାଶୟ।



ବାଙ୍କବୋଲ ବନ୍ଧ।

ମୟୂରଭଞ୍ଜ ଜିଲାରେ ପର୍ଯ୍ୟଟନ ବିକାଶ ଲାଗି ପ୍ରାକୃତିକ ଭିତ୍ତିଭୂମି ଥିଲେ ମଧ୍ୟ ଏହାର ଉପଯୁକ୍ତ ବିକାଶ ହୋଇପାରୁ ନାହିଁ। ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ସଡ଼କ ପଥ ସଂଯୋଗ କରୁଥିବା ମୟୂରଭଞ୍ଜ ଜିଲାର ବିଶୋଇ ଅଞ୍ଚଳରେ ଡଙ୍ଗାଧର, ଗେଣ୍ଡାଲୁ-ଧଳଧଳି ଓ ବାଙ୍କବୋଲ ବନ୍ଧ ପରି ଦର୍ଶନୀୟ ସ୍ଥାନ ଅବହେଳିତ ହୋଇ ରହିଛି। ଶୀତ ପଡିବା ଆରମ୍ଭ ହୋଇଥିବାରୁ ଏବେଠାରୁ ଏସବୁ ସ୍ଥାନକୁ ପିକ୍‌ନିକ କରିବାକୁ ଆସୁଥିବା ପର୍ଯ୍ୟଟକଙ୍କ ଭିଡ ଜମୁଛି। ପ୍ରତିବର୍ଷ ବଡଦିନ, ନୂଆବର୍ଷ ପାଳନ ଅବସରରେ ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଏହି ସ୍ଥାନକୁ ପିକ୍‌ନିକ କରିବାକୁ ଆସିଥାନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟ ଏହି ସ୍ଥାନକୁ ମନୋରମ ପିକ୍‌ନିକ ସ୍ପଟରେ ପରିଣତ କରିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଭିତ୍ତିଭୂମିର ବିକାଶ ଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ।

ନଙ୍ଗଳବେଣ୍ଟା ପୋଖରିଆ ପଞ୍ଚାୟତରେ ଥିବା ଡଙ୍ଗାଧର ଜଳାଶୟ ଅଞ୍ଚଳ ଏକ ଆକର୍ଷଣୀୟ ପିକ୍‌ନିକ ସ୍ପଟ। ବିଶୋଇ ବ୍ଲକ ମୁଖ୍ୟ ଦପ୍ତରଠାରୁ ୪୯ ନମ୍ବର ଜାତୀୟ ରାଜପଥକୁ ସଂଲଗ୍ନ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକରେ ଆଉ ୬ କି.ମି. ଗଲେ ପନଖି ଗ୍ରାମରେ ପହଞ୍ଚିବାକୁ ପଡେ। ସେହି ଗ୍ରାମରୁ ବିଲ ଓ ଜଙ୍ଗଲ ମଧ୍ୟ ଦେଇ ଚଲାପଥରେ କିଛି ଦୂର ଗଲେ ଡଙ୍ଗାଧର ଜଳାଶୟ ପଡେ। ରାସ୍ତା ସୁବିଧା ନ ଥିବାରୁ ପିକ୍‌ନିକ କରିବାକୁ ଆସୁଥିବା ଅଧିକାଂଶ ଲୋକେ ଦୁଇ ଚକିଆ ଯାନ ଧରି ଆସିଥାନ୍ତି। ଶାଳ, ପିଆଶାଳ ଜଙ୍ଗଲର ସୁବଜିମା ଏହି ସ୍ଥାନକୁ ଘେରି ରହିଛି। ନିକଟବର୍ତ୍ତୀ ଝରଣାର କୁଳୁକୁଳୁ ଶବ୍ଦ ଓ ଜଳାଶୟର କାଚକେନ୍ଦୁ ପରି ସ୍ୱଚ୍ଛ ଜଳରାଶି ସମସ୍ତଙ୍କୁ ଆକର୍ଷିତ କରିଥାଏ। ପନଖି ଗ୍ରାମରୁ ଡଙ୍ଗାଧର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରିବା ଏବଂ ସେଠାରେ ପାନୀୟଜଳର ସୁବିଧା କରିବା ଲାଗି ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଛନ୍ତି। ଡଙ୍ଗାଧରରୁ ୫ କି.ମି. ଦୂରରେ 'ଗେଣ୍ଡାଲୁ ଓ ଧଳଧଳି' ଭଳି ମନୋରମ ପିକ୍‌ନିକ ସ୍ପଟ ରହିଛି। ପନଖି ଗ୍ରାମରୁ ଏକତାଳି ଓ ଘାସିଆ ସାହି ଜଙ୍ଗଲ ରାସ୍ତା ଦେଇ ୨ କି.ମି. ଗଲେ ସେଠାରେ ପହଞ୍ଚି ହୁଏ। ଧଳଧଳିରେ ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ଆତ୍ମହରା କରିଥାଏ। ସେଠାରେ ପଥରଘେରା ବିଶାଳ ଜଳାଶୟ ଓ ସେଥିରେ ସେଥିରେ ବିଭିନ୍ନ ରଙ୍ଗବେରଙ୍ଗ ମାଛ ଖେଳିବା ଦୃଶ୍ୟ ମନୋମୁଗ୍ଧକର। ନିକଟସ୍ଥ ଜଙ୍ଗଲରେ ବରୁଆ, ବାରହା, ପାଣିଓଧ, ହରିଣ ଭଳି ବିଭିନ୍ନ ବନ୍ୟପ୍ରାଣୀ ରହିଛନ୍ତି। ଉକ୍ତ ଜଳାଶୟକୁ ଲାଗି ରହିଛି ଏକ ପଥରଖଦା। ସ୍ଥାନୀୟ ଲୋକେ ଏହାକୁ 'ଅସୁରହାଡ଼' କହନ୍ତି । କିମ୍ବଦନ୍ତୀ ଅଛି ଯେ ଆଗରୁ ଏଠାର ରହୁଥିବା ଜଣେ ଅସୁରଙ୍କର ମୃତ୍ୟୁ ପରେ ତାଙ୍କ ହାଡ଼ସବୁ ଜମାହୋଇ ପଥର ପାଲଟି ଯାଇଛି। 'ଅସୁରହାଡ଼' ଅନତି ଦୂରରେ ସ୍ତୁପ ଆକାରରେ ରହିଛି ଏକ ସ୍ଥାନ ଯାହାକୁ 'ଗେଣ୍ଡାଲୁ' କୁହାଯାଏ। ଗେଣ୍ଡା ଆକୃତିର ଅନେକ ପଥର ସେଠାରେ ଦେଖିବାକୁ ମିଳେ। ଶୀତ ଋତୁରେ ଏହି ଅଞ୍ଚଳକୁ ଅନେକ ଲୋକ ପିକ୍‌ନିକ କରିବାକୁ ଆସୁଥିଲେ ମଧ୍ୟ ରାସ୍ତା ଓ ପାନୀୟ ଜଳ ଭଳି ସୁବିଧା କରାଯାଉ ନାହିଁ । ଏହାକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେଇ ଭିତ୍ତିଭୂମିର ବିକାଶ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

**ଆସିଛି ପିକ୍‌ନିକ୍ ଋତୁ**

- ଏବେଠୁଁ ଡଙ୍ଗାଧର, ଧଳଧଳି ଓ ବାଙ୍କବୋଲ ବନ୍ଧ ଚଳଚଞ୍ଚଳ
- ରାସ୍ତା ସୁବିଧା ନାହିଁ କି ପାନୀୟ ଜଳର ସୁବିଧା ନାହିଁ
- ପ୍ରଶାସନିକ ଅବହେଳା ଯୋଗୁ ହୋଇ ପାରୁନି ଭିତ୍ତିଭୂମି ବିକାଶ

ବିଶୋଇ ଅଞ୍ଚଳର ବାଙ୍କବଳ ନଦୀ ବନ୍ଧ ଓ ଏହାର ପରିବେଶ ଦେଖିଲେ ଆଖି ଫେରାଇ ହୁଏନା। ୩୦ ବର୍ଷ ତଳେ ଏହି ବନ୍ଧ ନିର୍ମାଣ ହେବା ପରଠାରୁ ଏହା ଏକ ପିକ୍‌ନିକ୍ ସ୍ପଟରେ ପରିଣତ ହୋଇଛି। ବିଶୋଇଠାରୁ ୫୦ ନମ୍ବର ରାଜ୍ୟ ରାଜପଥ ଦେଇ ୯ କି.ମି. ଗଲେ ପଡେ ମଧୁପୁର ଛକ। ସେଠାରୁ ଆଉ ୧ କିମି ଭିତରକୁ ଗଲେ ବାଙ୍କବଳ ବନ୍ଧ ପଡେ । ଉକ୍ତ ରାସ୍ତା ସମ୍ପୂର୍ଣ୍ଣ ପଥୁରିଆ ହୋଇଥିବାରୁ ପିକ୍‌ନିକ କରିବାକୁ ଆସୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବନ୍ଧ ନିକଟ ପଡିଆରେ ପ୍ରତିବର୍ଷ ରାକ୍ଷୀ ପୂର୍ଣ୍ଣିମାରେ ୩ ଦିନ ଧରି ଫୁଟବଲ ପ୍ରତିଯୋଗିତା ହୋଇଥାଏ। ସେଠାରେ ବଡ ମେଳା ବସିଥାଏ। ମୟୂରଭଞ୍ଜ ଜିଲା ସମେତ ପଡୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ଅନେକ ଲୋକ ମେଳାକୁ ଆସିଥାନ୍ତି। ଆଦିବାସୀଙ୍କ ପାଇଁ ଏହି ମେଳା 'ବନ୍ଧୁମିଳନ'ର କ୍ଷେତ୍ର ପାଲଟିଥାଏ। ପିକ୍‌ନିକ ଋତୁ ଆସିଲେ ଶତାଧିକ ଲୋକଙ୍କ ଭିଡ଼ ଜମେ । ସେଠାରେ ପୂର୍ବରୁ ତିଆରି ହୋଇଥିବା ଏକ ଆଶ୍ରୟସ୍ଥଳୀ ରକ୍ଷଣାବେକ୍ଷଣ ଅଭାବରୁ ପରିତ୍ୟକ୍ତ ହୋଇପଡିଛି। ବନ୍ଧ ରାସ୍ତାର ଦୁଇ ପାର୍ଶ୍ୱରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ ଜଳୁ ନ ଥିବାରୁ ରାତିରେ ପରିବେଶ ଅନ୍ଧକାରାଚ୍ଛନ୍ନ ହୋଇ ରହୁଛି। ବନ୍ଧ ନିକଟରେ ଏକ ପାର୍କ ନିର୍ମାଣ କରାଗଲେ ଏହା ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷଣ କରି ପାରନ୍ତା ବୋଲି ଅଞ୍ଚଳବାସୀ କହିଛନ୍ତି। 'ବାଙ୍କବଳ ବନ୍ଧ', 'ଡ଼ଙ୍ଗାଧର' ଓ 'ଗେଣ୍ଡାଲୁ-ଧଳଧଳି'କୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦେଇ ସର୍ବାଙ୍ଗୀନ ବିକାଶ କରିବା ଲାଗି ସ୍ଥାନୀୟ ଲୋକେ ପ୍ରଶାସନ ଓ ପର୍ଯ୍ୟଟନ ବିଭାଗ ନିକଟରେ ଦାବି କରିଛନ୍ତି।

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



**ସେଲ୍‌ଫି କର୍ନର**



@ ହେମନ୍ତ



@ ସୌମ୍ୟ

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

## ସଂକ୍ଷେପରେ

### ମଧୁମେହ ସଚେତନତା

**ବାରିପଦା ଅଫିସ,୧୮।୧୧**-ବାରିପଦା ଲାୟନ୍ସ କ୍ଲବ ପକ୍ଷରୁ କୃଷ୍ଣ ଚନ୍ଦ୍ର ଗୋଲେଇ ଠାରେ ମଧୁମେହ ନିରୂପଣ ଏବଂ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ଶିବିରକୁ ବାରିପଦା ନଗରପାଳ ବବିତା ଦାସ, ଉପନଗରପାଳ ଜିତେନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ । ଲାୟନ୍ସ କ୍ଲବର ସଭାପତି ସତ୍ୟବ୍ରତ ଭୂୟାଁ, ସମ୍ପାଦକ ଶିବ କୁମାର ପରିଡା, ବରିଷ୍ଠ ମେମ୍ବର ଶିବ ମଣ୍ଡଳ, ଜତିନ୍ଦ୍ର ମୋହନ ମିଶ୍ର, କିଶନଲାଲ ଅଗ୍ରୱାଲା, ସଂଘମିତ୍ରା ରାଉତ ପ୍ରମୁଖ ପରିଚାଳନା କରିଥିଲେ । ଏହି ଅବସରରେ ଡ.ହିରନମୟୀ ମହାପାତ୍ର ଏବଂ ପ୍ରଭୁନାରାୟଣ ନନ୍ଦି ରୋଗୀମାନଙ୍କର ରକ୍ତ ପରୀକ୍ଷା କରିବା ସହିତ ରୋଗୀମାନଙ୍କୁ ସଚେତନ କରାଇଥିଲେ ।

### ଆଧ୍ୟାତ୍ମିକ ପରିବେଶରେ କାର୍ତ୍ତିକେଶ୍ୱର ପୂଜା

**କପ୍ତିପଦା,୧୮।୧୧(ଡି.ଏନ୍.ଏ)**-ମୟୂରଭଞ୍ଜ ଜିଲା କପ୍ତିପଦା ରଥଦାଣ୍ଡ ସାହିରେ ପବିତ୍ର ବିଛା ସଂକ୍ରାନ୍ତି ଅବସରରେ ପ୍ରଭୁ କାର୍ତ୍ତିକେଶ୍ୱରଙ୍କ ଉନବିଂଶ ବର୍ଷିକ ପୂଜା ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଅପରାହ୍ଣରେ କାୟାସୁଦ୍ଧି, ଅଧିବାସ କର୍ମ ସମ୍ପାଦନ ପରେ ସନ୍ଧ୍ୟାରେ ଶଙ୍ଖ, ଘଣ୍ଟା, ମୃଦଙ୍ଗର ତାଳେ ତାଳେ ସୋନ ନଦୀରୁ ଘଟୋତ୍ତଳନ କରାଯାଇ ପୂଜା ମଣ୍ଡପକୁ ଅଣାଯାଇ ସ୍ଥାପନ କରାଯାଇଥିଲା। ବୈଦିକ କର୍ମକାଣ୍ଡବିତ୍ ବନମାଳୀ ଦାଶ, ସୁଶାନ୍ତ ମିଶ୍ର, ଜଗନ୍ନାଥ ମିଶ୍ର, ରଜତ ମିଶ୍ର, ଉତ୍ତମ ନନ୍ଦଙ୍କ ଦ୍ୱାରା ପ୍ରଭୁଙ୍କର ଚକ୍ଷୁଦାନ, ପ୍ରାଣ ପ୍ରତିଷ୍ଠା, ସ୍ନାନ, ଉପଚାର ଏବଂ ଚାରିପ୍ରହର ପୂଜା କରାଯାଇଥିଲା । ପ୍ରମୋଦ କୁମାର ଦାଶ, ଶାନ୍ତନୁ କୁମାର ନନ୍ଦ, କାର୍ତ୍ତିକ ମହାପାତ୍ର ଏବଂ ତାଙ୍କ ସହଧର୍ମିଣୀ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅବସରରେ ବହୁ ଭକ୍ତ ପ୍ରଭୁଙ୍କ ନିକଟରେ ମାନସିକ ପୂଜା କରିଥିଲେ ।

### କପ୍ତିପଦା ବ୍ଲକ ଆଶାକର୍ମୀଙ୍କ ବୈଠକ

**କପ୍ତିପଦା,୧୮।୧୧(ଡି.ଏନ୍.ଏ)**-ମୟୂରଭଞ୍ଜ ଜିଲା କପ୍ତିପଦା ଜଗନ୍ନାଥ ମନ୍ଦିର ପରିସରରେ ରବିବାର ବ୍ଲକ ଅଧୀନରେ କାର୍ଯ୍ୟରତ ଆଶାକର୍ମୀଙ୍କ ବୈଠକ ଅନୁଷ୍ଠିତ ବସି ସର୍ବ ସମ୍ମତି କ୍ରମେ ସେକ୍ଟର ସଭାପତି ଓ ସମ୍ପାଦିକାଙ୍କ ନାମ ଚୟନ କରାଯାଇଛି। ଜିଲା ଆଶାକର୍ମୀ ସଂଘର ସମ୍ପାଦିକା ରେବତୀ ପରିଡା ବୈଠକରେ ସଭାପତିତ୍ୱ କରଥିଲେ। ବ୍ଲକ ସଭାପତି ପୁଷ୍ପଲତା ଟୁଡୁ ଓ ସମ୍ପାଦିକା ଉର୍ମୀଳା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନିର୍ମଳା ଦାସ ସ୍ୱାଗତ ଭାଷଣ ଦେଇଥିଲେ। କପ୍ତିପଦା ସେକ୍ଟରର ସଭାପତି ଭାବେ ମନ୍ଦାକିନୀ ବେହେରା ଓ ସମ୍ପାଦକ ଭାବେ ସତ୍ୟବତୀ ଦାସ, ଶାଳଚୁଆ ସେକ୍ଟରର ସଭାପତି ମାନସୀ ସ୍ୱାଇଁ, ସମ୍ପାଦିକା ଶାନ୍ତିଲତା ନାୟକ, ଶରତ ସେକ୍ଟରର ସୁକୁମାରୀ ହେମ୍ବ୍ରମ ଓ ସମ୍ପାଦିକା ଆରତୀ କିସ୍କୁ, ସମ୍ପାଦିକା ଜ୍ୟୋସ୍ନାରାଣୀ ନାୟକ, ବିଶୋଳ ସେକ୍ଟରର ପ୍ରମିଳା ମାଝୀ ଓ ସମ୍ପାଦିକା ଭାବେ ମୌନାବତୀ ସାହୁ ମନୋନୀତ ହୋଇଥିଲେ।

## ଶୌଚାଳୟ ପାଇଁ ବାପାଙ୍କୁ ଚିଠି ଲେଖିଲେ ଛାତ୍ରୀ

ବାରିପଦା ଅଫିସ,୧୮।୧୧



ଛାତ୍ରୀମାନେ ଚିଠି ପ୍ରଦର୍ଶନ କରୁଛନ୍ତି।

ସମଗ୍ର ବିଶ୍ୱରେ ସୋମବାର ବିଶ୍ୱ ଶୌଚାଳୟ ଦିବସ ପାଳନ କରାଯିବ। ମୟୂରଭଞ୍ଜ ଜିଲା ପ୍ରଶାସନ ମଧ୍ୟ ଏଥିପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି କରିଛି। ଏହି ଦିବସରେ ନିଜ ନିଜ ପରିବାରକୁ ସଚେତନ କରିବା ପାଇଁ ଜିଲାର ବିଭିନ୍ନ ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରୀମାନେ ରବିବାର ନିଜ ନିଜ ବାପାଙ୍କୁ ଚିଠି ଲେଖିଛନ୍ତି। ଏ ନେଇ ଜିଲାପାଳ ବିନୀତ ଭରଦ୍ୱାଜ ସୂଚନା ଦେଇଛନ୍ତି। ଏଥିରେ ସେମାନେ ଆସନ୍ତା ଧାନକଟା ଛୁଟିରେ ଘରକୁ ଯିବା ପୂର୍ବରୁ ଶୌଚାଳୟ ନିର୍ମାଣ କରିସାରିବା ପାଇଁ ଉଲ୍ଲେଖ କରିଛନ୍ତି। ପ୍ରତିଦିନ ପର୍ଯ୍ୟାୟକ୍ରମେ ବିଭିନ୍ନ ବିଦ୍ୟାଳୟ ଓ ସେବାଶ୍ରମର ଛାତ୍ରୀଛାତ୍ରମାନେ ନିଜ ନିଜ ଘରକୁ ଚିଠି ଲେଖି ଏ ସମ୍ପର୍କରେ ଅବଗତ କରିବେ। ଫଳରେ ସେମାନେ ସଚେତନ ହୋଇ ଶୌଚାଳୟ ନିର୍ମାଣ କରିବାକୁ ବାଧ୍ୟ ହେବେ ବୋଲି ଜିଲାପାଳ ଭରଦ୍ୱାଜ କହିଛନ୍ତି। ସେହିପରି ସୋମବାର ସକାଳ ୭ଟା ବେଳେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଛଉ ପଡିଆ ପର୍ଯ୍ୟନ୍ତ ଏକ ମିନି ମାରାଥନ ଅନୁଷ୍ଠିତ ହେବ। ଏଥିରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେହିପରି ଜିଲା ସାରା ୧ ହଜାର କିମି ଲମ୍ବର ମାନବ ଶୃଙ୍ଖଳ କରାଯିବ। ଏଥିରେ ଖୋଦ ଜିଲାପାଳଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା, ଛାତ୍ରୀଛାତ୍ରମାନେ ସାମିଲ ହେବେ। ଏହା ଦ୍ୱାରା ଲୋକେ ସଚେତନ ହୋଇପାରିବେ ବୋଲି ଜିଲା ପ୍ରଶାସନ ଆଶା କରୁଛି।

## ଛାତ୍ର ବିଜେଡି ଉପସଭାପତି ଜେଏମଏମରେ ସାମିଲ

ବାରିପଦା ଅଫିସ,୧୮।୧୧

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ଯୁବ ଶାଖା ଆନୁକୂଲ୍ୟରେ ମୁର୍ଗାବାଡିସ୍ଥିତ ଦେବେନ୍ଦ୍ର ମଣ୍ଡପଠାରେ ଏକ କର୍ମୀ ସମ୍ମିଳନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲା ଛାତ୍ର ଉପସଭାପତି ପ୍ରଶାନ୍ତ କୁମାର ମହାକୁଡ଼ଙ୍କ ନେତୃତ୍ୱରେ ଶତାଧିକ ଯୁବଛାତ୍ର ନେତା ଜେଏମଏମରେ ଯୋଗ ଦେଇଛନ୍ତି। ଯୁବ ଛାତ୍ରଙ୍କ ପ୍ରତି ବିଜେଡି ଦଳର ଜିଲା ରାଜନେତା ଓ ପର୍ଯ୍ୟବେକ୍ଷକଙ୍କ କାର୍ଯ୍ୟ ଓ ଅବହେଳାରେ ଶିକାର ହୋଇ ଦଳ ଛାଡିଛନ୍ତି ବୋଲି ସେମାନେ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୀ ସୋରେନ, ରାଜ୍ୟ ସଭାପତି ମହେଶ ହେମ୍ବ୍ରମ, ରାଜ୍ୟ ସାଧାରଣ ସମ୍ପାଦକ କଳିଙ୍ଗ କେଶରୀ ଜେନା, ଜିଲା ସଭାପତି ଫାଗୁ ହାସଁଦା ପ୍ରମୁଖ ପ୍ରଶାନ୍ତ ମହାକୁଡ଼ଙ୍କୁ ସ୍ୱାଗତ କରିଥିଲେ।

## ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଚେସ୍ ଟିମ୍ ଘୋଷଣା




କୃତୀ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ବାରିପଦା ଅଫିସ,୧୮।୧୧

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ସ୍ତରୀୟ ଚେସ ଚମ୍ପିୟସିପ ପାଇଁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଚେସ ଟିମ ଘୋଷିତ ହୋଇଛି। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ପ୍ରଥମ ବର୍ଷ ଛାତ୍ର ଶ୍ରୀଦେବ ମହାନ୍ତି, ଛାତ୍ରୀ ମନ୍ଦାକିନୀ ସୋରେନ ଏବଂ ଦ୍ୱିତୀୟ ବର୍ଷ ଛାତ୍ରୀ ସଙ୍ଗୀତା ସାହୁ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ପକ୍ଷରୁ ମନୋନୀନ ହୋଇଥିବାରୁ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଏମବିଏ ବିଭାଗ ଅଧ୍ୟାପକ ଡ ସ୍ମୃତି ରଞ୍ଜନ ଦାସ, କଲେଜର ଅଧ୍ୟକ୍ଷ ପ୍ରଦୀପ ନାୟକ, ଉପାଧ୍ୟକ୍ଷା ସଂଘମିତ୍ରା ରାଉତ, କଲେଜ ପରିଚାଳନା ସମିତି ସଭାପତି ତଥା ବାରିପଦାର ପୂର୍ବତନ ବିଧାୟକ କିଶୋର ଦାଶ ମନୋନୀତ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ ଜଣାଇଛନ୍ତି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଚେସ୍ ଟିମକୁ କୋଚିଂ ଦେବା ପାଇଁ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ଚେସ କୋଚିଂ କ୍ୟାମ୍ପର ଆୟୋଜନ କରାଯାଇଛି । ଚେସ ଖେଳ ଶିକ୍ଷକ ବସନ୍ତ କୁମାର ସାହୁ ମନୋନୀତ ଛାତ୍ରୀଛାତ୍ରମାନଙ୍କୁ ଚେସ ଖେଳିବା ପାଇଁ କୋଚିଂ ଦେଉଛନ୍ତି। ଏହି କୋଚିଂ କ୍ୟାମ୍ପରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ, ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ ଆଣ୍ଡ ମ୍ୟାନେଜମେଣ୍ଟ ଏବଂ ବାରିପଦା ମହାବିଦ୍ୟାଳୟର ମନୋନୀତ ଛାତ୍ରୀଛାତ୍ରମାନେ ଯୋଗ ଦେଇଛନ୍ତି।

## ରାସ୍ତା ସଫା କଲେ ଜିଲାପାଳ

ବାରିପଦା ଅଫିସ/ଖୁଣ୍ଟା,୧୮।୧୧



ଜିଲାପାଳ ଅଳିଆ ସଫା କରୁଛନ୍ତି।

ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଓଡିଶା ଓ ସୁସ୍ଥ ଓଡିଶା ଗଠନ ବାର୍ତ୍ତା ନେଇ ମୟୂରଭଞ୍ଜ ଜିଲାପାଳ ବିନୀତ ଭରଦ୍ୱାଜ ନିଜେ ଗ୍ରାମାଞ୍ଚଳକୁ ବାହାରିଛନ୍ତି। ରବିବାର ଭୋର ସକାଳୁ ଗୋପବନ୍ଧୁନଗର ବ୍ଲକର ସାନଖୁଣ୍ଟା ପଞ୍ଚାୟତ ଓ ଖୁଣ୍ଟା ବଜାର ଗସ୍ତ କରି ଲୋକଙ୍କୁ ଖୋଲାରେ ଶୌଚ ନ ହେବା ଓ ପରିବେଶକୁ ସଫା ସୁତୁରା ରଖିବା ପାଇଁ ବାର୍ତ୍ତା ଦେଇଥିଲେ। ଖୋଲା ସ୍ଥାନରେ ଶୌଚ ହୋଇ ଫେରୁଥିବା ବ୍ୟକ୍ତି ବିଶେଶଙ୍କୁ ଗୋଲାପ ଫୁଲ ଦେଇ ଘରେ ଘରେ ଶୌଚାଳୟ ନିର୍ମାଣ କରିବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ଉପରୋକ୍ତ ଅଞ୍ଚଳର ରାସ୍ତା କଡରେ ଥିବା ଅଳିଆ ଆବର୍ଜନା ସ୍ଥାନ ଗୁଡିକୁ ନିଜେ ଝାଡୁ ଧରି ସଫା କରିଥିଲେ। ଜିଲାପାଳଙ୍କ ସହିତ ଗୋପବନ୍ଧୁନଗର ବ୍ଲକ ବିଡିଓ ମନୋଜ ବେହେରା, ସାନଖୁଣ୍ଟା ପଞ୍ଚାୟତ ସରପଞ୍ଚ ସୁମିତ୍ରା ନାୟକ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଭବାନୀ ସତ୍ୟପ୍ରୀୟା ମହାନ୍ତଙ୍କ ସମେତ ବ୍ଲକର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଜଣେ ଜିଲାପାଳ ସକାଳୁ ସକାଳୁ ଏଭଳି ଭାବେ ହଠାତ ଗସ୍ତ କରି ଏଭଳି ଲୋକଙ୍କ ସହିତ ମିଶିବା ଓ ଅଳିଆ ସଫା କରିବା ସ୍ଥାନୀୟ ଅଞ୍ଚଳରେ ପ୍ରଥମ ଥର ହୋଇଛି।

## 'ଉପନିଷଦ ଭାରତୀୟ ଦର୍ଶନ ଓ ଜୀବନଧାରାକୁ ପ୍ରଭାବିତ କରିଆସିଛି'

କପ୍ତିପଦା,୧୮।୧୧(ଡି.ଏନ୍.ଏ.)

ଭାରତୀୟ ଉପନିଷଦ ମୌଳିକ ଜ୍ଞାନ ଉପରେ ପର୍ଯ୍ୟବେଶିତ। ଯୁଗ ଯୁଗ ଧରି ଏହା ଭାରତୀୟ ଦର୍ଶନ ଓ ଜୀବନଧାରାକୁ ପ୍ରଭାବିତ କରି ଆସିଛି। ମୟୂରଭଞ୍ଜ ଜିଲା କପ୍ତିପଦା ମହାବିଦ୍ୟାଳୟ ଦର୍ଶନ ବିଭାଗର ଏକ ଆଲୋଚନା ଚକ୍ର ଏବଂ ସ୍ୱାଗତ ଉତ୍ସବରେ ଅତିଥିମାନେ ଏହି ମତ ବ୍ୟକ୍ତ କରିଛନ୍ତି।

ଦର୍ଶନ ବିଭାଗ ପକ୍ଷରୁ ଆୟୋଜିତ ଆଲୋଚନାଚକ୍ରକୁ ଓଡ଼ିଆ ବିଭାଗର ମୁଖ୍ୟ ପ୍ରଣବକିଶୋର ପାଢ଼ୀ ଉଦ୍‌ଘାଟନ କରିଥିଲେ । ମେଘାସନ ମହାବିଦ୍ୟାଳୟର ଦର୍ଶନ ବିଭାଗର ଅଧ୍ୟାପକ ତଥା ପ୍ରଶାସନିକ ଅଧିକାରୀ ଡ଼ଃ ରମେଶ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପନିଷଦୀୟ ଜ୍ଞାନ ଓ ଦର୍ଶନ ସମ୍ପର୍କରେ ସନ୍ଦର୍ଭ ଉପସ୍ଥାପନ କରିଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁରଞ୍ଜନ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରି ସନ୍ଦର୍ଭ ଉପରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । ବିଭାଗୀୟ ଅଧ୍ୟାପିକା କବିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଆଲୋଚନା ଚକ୍ରରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଦର୍ଶନ ବିଭାଗର ଛାତ୍ରୀ ରତ୍ନପର୍ଣ୍ଣା ନିବନ୍ଧ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଶରତ କୁମାର ଦାସ, ସରୋଜ କୁମାର ଲେଙ୍କା, ନୀରୋଜ କୁମାର ଖଣ୍ଟିଆ, ଦେବେନ୍ଦ୍ର ମହାନ୍ତି, ଅଧ୍ୟାପିକା ନିବେଦିତା ପଣ୍ଡା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହିଅ ବସରରେ ଦର୍ଶନ ବିଭାଗର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା ।

■ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା

## ମୟୂରଭଞ୍ଜରୁ ୪ ଖେଳାଳି



ମନୋନୀତ ୪ ଖେଳାଳିଙ୍କ ସହ କୋଚ୍।

ବାରିପଦା ଅଫିସ,୧୮।୧୧

ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଚଳିତ ମାସ ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲା ସ୍ଥିତ ଚନ୍ଦ୍ରଶେଖର ବେହେରା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗନେବା ପାଇଁ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ଓ ଜିଲା ଶାରିରୀକ ଶିକ୍ଷା ପରିଦର୍ଶକ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୪ ଜଣ ଖେଳାଳୀ ସମ୍ବଲପୁର ଯାତ୍ରା କରିଛନ୍ତି ସେମାନେ ହେଲେ ଆଦିକ ପ୍ରଭାତ ସାହୁ, ସାଇକେଶବ ମୋଦି, ରିଶଭ ଅଗ୍ରୱାଲା ଏବଂ ରୋଶନ କୁମାର ପ୍ରଜାପତି। ଏନେଇ ବିଦ୍ୟାଳୟର ପିଇଟିଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## ହାତୀ ଉଜାଡୁଛନ୍ତି ପାଚିଲା ଧାନ ଜମି

କପ୍ତିପଦା,୧୮।୧୧(ଡି.ଏନ୍.ଏ)

- କପ୍ତିପଦା ଜଙ୍ଗଲତଳି ଇଲାକାରେ ହାତୀ ଉପଦ୍ରବ
- ବନ ବିଭାଗ ନୀରବଦ୍ରଷ୍ଟା, ଚାଷୀ ହତାଶ

ଶିମିଳିପାଳ ଅଭୟାରଣ୍ୟରୁ ଚାଲି ଆସିଥିବା ଏକ ହାତୀପଲ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଲାବଣ୍ୟଦେଇପୁର ପଞ୍ଚାୟତ ଓ ଏହା ଆଖପାଖ ଅଞ୍ଚଳରେ ଉପଦ୍ରବ ଚଳାଇଛନ୍ତି। ସେମାନେ ଜଙ୍ଗଲ ତଳି ଇଲକା ଚାଷ ଜମିରେ ପଶି ପାଚିଲା ଧାନ ଖାଇ ନଷ୍ଟ କରିଦେଉଛନ୍ତି। ଜଙ୍ଗଲରେ ଖାଦ୍ୟାଭାବର ଶିକାର ହେଉଥିବା ହାତୀପଲ ପାଚିଲା ଧାନ ଖାଇବା ସକାଶେ ଗଙ୍ଗେଣ୍ଡା ଇଲାକାକୁ ପଶି ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ହତାଶ ହୋଇପଡିଛନ୍ତି। ବନ ବିଭାଗ ହାତୀପଲ ଘଉଡାଇବାକୁ ଉଦ୍ୟମ କରୁଥିଲେ ମଧ୍ୟ ସେମାନେ ଜଙ୍ଗଲତଳି ଅଞ୍ଚଳ ଛାଡି ଯାଉ ନାହାନ୍ତି।

ଶିମିଳିପାଳରୁ ଚାଲି ଆସିଥିବା ଦଳରେ ୫ରୁ ଅଧିକ ହାତୀ ରହିଥିବା କୁହାଯାଉଛି। କିଛିଦିନ ହେବ ସେମାନେ ହୁଡିସାହି କଟୁରିଆ ଗ୍ରାମଓ ଏହା ଆଖପାଖରେ ବହୁ ଧାନ ଜମି ନଷ୍ଟ କରିଦେଲେଣି। ପ୍ରଶାସନ ପକ୍ଷରୁ ବିଭିନ୍ନ ସମୟରେ କ୍ଷୟକ୍ଷତି ଆକଳନ କରି ନାମକୁମାତ୍ର ସହାୟତା ଦିଆଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ହାତୀପଲ ଘଉଡାଇବା ଲାଗି ବନ ବିଭାଗ ଆବଶ୍ୟକ ପଦକ୍ଷେପ ନେଉ ନ ଥିବା ସେମାନେ ଦର୍ଶାଇଛନ୍ତି । ଉକ୍ତ କଟୁରିଆ ଗ୍ରାମର ସୀତା ମୁର୍ମୁ କହିଛନ୍ତି ଯେ, ହାତୀପଲ ୨ ଦିନ ତଳେ ସେ ଚାଷ କରିଥିବା ୪ ମାଣ ଜମିରେ ପଶି ପାଚିଲା ଧାନ ଉଜାଡି ଦେଇଛନ୍ତି। ସେମାନେ ଫସଲ ଦଳି ଚକଟି ଦେଉଥିବାରୁ ଜମିକୁ ଦା' ଯିବା ସମ୍ଭବ ହେବ ନାହିଁ । ଏ ସମ୍ପର୍କରେ ସେ ବାରିପଦା ବନ ଖଣ୍ଡ ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରି ହାତୀ କ୍ଷୟକ୍ଷତିର ଫଟୋ କପି ପ୍ରଦାନ କରିଛନ୍ତି। କେବଳ ସୀତା ମୁର୍ମୁ ଏହି ଅଞ୍ଚଳର ଅନେକ ଚାଷୀଙ୍କ ଫସଲ ହାତୀ ଉଜାଡି ଦେଇଥିବା ଅଭିଯୋଗ କରିଛନ୍ତି। ହାତୀ ଉପଦ୍ରବ ଜନିତ ଫସଲ କ୍ଷୟକ୍ଷତିର ବିଧିବଦ୍ଧ ତଦନ୍ତ କରି ତୁରନ୍ତ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ସୋମବାର, ନଭେମ୍ବର ୧୯/୨୦୧୮ Balasore, Monday, November 19/ 2018

# ବାଲି ଖାଦାନରେ ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ

## ସ୍ୱମ୍ପପମ୍ପ ମେଶିନ ଜବତ

ଜଳେଶ୍ୱର, ୧୮।୧୧(ଡି.ଏନ.ଏ.)



ସୁବର୍ଣ୍ଣରେଖା ନଦୀର ବାଲିଖାଦାନକୁ ପ୍ରଶାସନିକ ଅଧିକାରୀ ଯାଞ୍ଚ କରୁଛନ୍ତି।

ବାଲେଶ୍ୱର ଜିଲା ଜଳେଶ୍ୱର ତହସିଲ ଅଧୀନ ସୁବର୍ଣ୍ଣରେଖା ନଦୀର ମହମ୍ମଦନଗର ପାଟଣା (ଗ) ବାଲିଖାଦାନରେ ରବିବାର ପୂର୍ବାହ୍ନରେ ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଛି। ପରିବେଶ ଆଇନକୁ ଉଲ୍ଲଂଘନ କରି ଗଭୀର ନଦୀଗର୍ଭରୁ ବେଆଇନ ଭାବେ ବାଲି ଉତ୍ତୋଳନରେ ବ୍ୟବହୃତ ହେଉଥିବା ଲୁହା ଡଙ୍ଗାରେ ଖଞ୍ଜିତ ଅତ୍ୟାଧୁନିକ ସ୍ୱମ୍ପପମ୍ପ ମେଶିନ ସମେତ ୨ଟି ଜେସିବି, ୫ ବାଲ ବୋଝେଇ ଡମ୍ପରକୁ ଜିଲା ପ୍ରଶାସନ ଜବତ କରିଛି। ଜବତ ଯାନବାହନ ଓ ଯନ୍ତ୍ରାଂଶକୁ ପୋଲିସ ସହାୟତାରେ ଜଳେଶ୍ୱର ତହସିଲ ପରିସରରେ ରଖାଯାଇଛି।

ବାଲେଶ୍ୱର ଉପଜିଲାପାଳ ନିଲୁ ମହାପାତ୍ରଙ୍କ ନେତୃତ୍ୱରେ ଚଢାଉ ହୋଇଥିଲା। ଏହି ଟିମ୍‌ରେ ସ୍ଥାନୀୟ ଜଳେଶ୍ୱର ତହସିଲଦାର ଅଭିମନ୍ୟୁ ପଣ୍ଡା, ଅତିରିକ୍ତ ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ପୋଲିସ ବିଭାଗର ଏସ୍‌ଡିପିଓ ରାମଚନ୍ଦ୍ର ଗୌଡ଼ୁ, ଆଇଆଇସି ପ୍ରଦୀପ କୁମାର ମାଝି, ଏସ୍‌ଆଇ ମନୋରମା ବାରିକ, ଅଗ୍ନିଶମ ଅଧିକାରୀ ପ୍ରକାଶଚନ୍ଦ୍ର ମୁଦୁଲି ଏବଂ ୩ ପ୍ଲାଟୁନ ପୋଲିସ ଫୋର୍ସ ସହିତ ଜଳେଶ୍ୱର ଅଗ୍ନିଶମ ବିଭାଗର କର୍ମଚାରୀ ସାମିଲ ଥିଲେ। ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ସମ୍ପୂର୍ଣ୍ଣ ବାଲିଖାଦାନ ପରିସରକୁ ପୋଲିସ ନିଜ ଅକ୍ତିଆରକୁ ନେବା ଫଳରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇ ନ ଥିଲା। ଚଢ଼ାଉକୁ ନେଇ ପଞ୍ଚୁଘଣ୍ଟା, ଗୋବରଘାଟା, ସେକସରାଇ(କ) ଓ (ଖ), ଚାଲନ୍ତି, ବେଣାପୁରା, କଣ୍ଟାପାଳ, ମାକିଡ଼ିଆ, କୁଅଁରପୁର, ମକରମପୁର ଓ ଦକ୍ଷିଣ ପ୍ରହରାଜପୁର ଆଦି ବାଲିଖାଦାନଗୁଡ଼ିକରେ ବେଆଇନ ବାଲି ଉତ୍ତୋଳନରେ ସମ୍ପୃକ୍ତ ବ୍ୟବସାୟୀଙ୍କ ମଧ୍ୟରେ ଏକ ପ୍ରକାର କୋକୁଆ ଭୟ ସୃଷ୍ଟି ହୋଇଛି।

ପ୍ରକାଶଯୋଗ୍ୟ ଯେ, ଚଢ଼ାଉ କରାଯାଇଥିବା ବାଲିଖାଦାନରେ ଦୀର୍ଘଦିନ ହେବ ସ୍ୱମ୍ପପମ୍ପ ମେଶିନ୍ ଦ୍ୱାରା ନଦୀଗର୍ଭରୁ ବେଆଇନ ବାଲି ଉତ୍ତୋଳନ ହୋଇ ଆସୁଥିଲା। ଫଳରେ ନଦୀକୂଳ ଖାଇବା ସହିତ ଆଖପାଖ ଗ୍ରାମଗୁଡ଼ିକ ପ୍ରତି ବିପଦ ଦେଖାଦେଉଛି ବୋଲି ଜିଲା ପ୍ରଶାସନ ନିକଟରେ ସାମାଜିକକର୍ମୀ ରାଧାଶ୍ୟାମ ସାହୁ ଓ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଥିଲେ। କେବଳ ମହମ୍ମଦନଗର ପାଟଣା(ଗ) ବାଲିଖାଦାନନୁହେଁ ଏହା ସଂଲଗ୍ନରେ ଥିବା ମହମ୍ମଦନଗର ପାଟଣା (କ), (ଖ) ଓ (ଘ) ବାଲିଖାଦାନଗୁଡ଼ିକରେ ମଧ୍ୟ ଏଭଳି ବେଆଇନ ଉତ୍ତୋଳନ ହୋଇଥାଏ ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ବିଳମ୍ବରେ ହେଲେ ମଧ୍ୟ ପ୍ରଥମକରି ଜିଲା ପ୍ରଶାସନ ତରଫରୁ ଜଳେଶ୍ୱର ତହସିଲ ଅଧୀନ ବାଲିଉସରେ ଏଭଳି ଚଢ଼ଉ କରାଯାଇଥିବାରୁ ଗ୍ରାମବାସୀ ଆଶ୍ୱସ୍ତ ହୋଇଛନ୍ତି।

# ପାଚିଲା ଧାନ ଖାଇ ଉଜାଡ଼ିଲେ ଚାଷଜମି

ସଜନାଗଡ଼, ୧୮।୧୧(ଡି.ଏନ.ଏ.)



ଚାଷ ଜମିରେ ହାତୀ ।

ବାଲେଶ୍ୱର ଜିଲା ନୀଳଗିରି ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ୫୮ରୁ ଊର୍ଦ୍ଧ୍ୱ ହାତୀପଲ ଆସିବାର ଆଜକୁ ୫ଦିନ ବିତିଗଲାଣି। ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ଗତ ରାତିରେ ହାତୀମାନେ କୌଣସି ଧନଜୀବନ ନଷ୍ଟ ନ କରିଥିଲେ ମଧ୍ୟ ଜଙ୍ଗଲକୁ ଲାଗି ରହିଥିବା ଏକର ଏକର ଚାଷଜମିର କ୍ଷୟକ୍ଷତି ଘଟାଇଛନ୍ତି। ଚାଷଜମିରେ ହାତୀଙ୍କ ଚଳପ୍ରଚଳକୁ ଦେଖି ଜଙ୍ଗଲକୁ ଲାଗି ରହିଥିବା ପାଖ ଗ୍ରାମ ସାତରାଣ୍ଡ, ହାତୀମୁଣ୍ଡା, ତେରେଲଡ଼ିହି, ଦଳକିସାହି, ଭାଲୁକାଶୁଣି ଗ୍ରାମର ବାସିନ୍ଦା ରାତ୍ରି ଉଜାଗର ହୋଇ ନିଆଁ ଜାଳି ବସୁଥିବା ଦେଖିବାକୁ ମିଳିଛି। ଶନିବାର ଗ୍ରାମବାସୀ ଏବଂ ବନବିଭାଗ ମଧ୍ୟରେ ହୋଇଥିବା ବିବାଦ ତୁଟି ଯାଇଥିଲା। ବନବିଭାଗ ତରଫରୁ ଡିଏଫ୍‌ଓ ବିଶ୍ୱରାଜ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ନୀଳଗିରି ରେଞ୍ଜର ସୁକୁମାର ଦାସ, ଏସିଏଫ୍‌ଓ ଲକ୍ଷ୍ମଣ ପ୍ରଧାନ, ଫରେଷ୍ଟର ଗାର୍ଡ୍‌, ସବୁଜବାହିନୀ, ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ୬ଟି ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି। ହାତୀପଲକୁ କିପରି ଘଉଡ଼ାଯାଏ ସେ ବିଷୟରେ ପ୍ରଶିକ୍ଷଣ ଦେବା ପାଇଁ ରବିବାର ଭୁବନେଶ୍ୱର ଟ୍ରେନିଂ ସେଣ୍ଟରରୁ ୫୦ଜଣ ବନ କର୍ମଚାରୀ ଆସିଥିବା ସୂଚନା ମିଳିଛି।

# ଜରିମାନା ନେଇ ଟ୍ରକ ଛାଡ଼ିଲା ପୋଲିସ

ଔପଦା,୧୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱରରୁ ଏକ ବାଲି ବୋଝେଇ ଟ୍ରକ ଔପଦା ଅଞ୍ଚଳକୁ ଆସୁଥିବା ସମୟରେ ସକାଳ ୭ଟାରେ ସ୍ଥାନୀୟ ତନଖି ଫାଟକର କର୍ମଚାରୀ ସୁଧାଂଶୁ ପଟ୍ଟନାୟକ ଟ୍ରକ୍‌କୁ ଅଟକାଇ କାଗଜପତ୍ର ଯାଞ୍ଚ କରିଥିଲେ। ଏଥିରେ ସନ୍ଦେହ କରି ସେ ସ୍ଥାନୀୟ ରାଜସ୍ୱ ଅଧିକାରୀଙ୍କୁ ଖବର ଦେଇଥିଲେ । ତହସିଲଦାର ପ୍ରଭାତ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଅଟକ ଟ୍ରକକୁ ପରେ ଥାନା ଜିମାରେ ଦିଆଯାଇଥିଲା। ରାଜସ୍ୱ ବିଭାଗ ପକ୍ଷରୁ ବାଲି ଚାଲାଣର ଟ୍ରାଞ୍ଜିଟ ପରିମିଟ୍ ବ୍ୟତିକ୍ରମ ପାଇଁ ୩୦ ହଜାର ଟଙ୍କା ଜରିମାନା ଆଦାୟ କରି ଟ୍ରକକୁ ଛଡାଯାଇଥିବା ଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ପ୍ରକାଶ କରିଛନ୍ତି ।

# ଆଜିଠୁ ଚାଲିବ ମେମୁ ଟ୍ରେନ

ଜଳେଶ୍ୱର, ୧୮।୧୧(ଡି.ଏନ୍.ଏ.)

ପଶ୍ଚିମବଙ୍ଗ ରାଜ୍ୟ ଖଡ଼ଗପୁରଠାରୁ ଭଦ୍ରକ୍ ପର୍ଯ୍ୟନ୍ତ ସୋମବାରଠାରୁ ମେମୁ ଲୋକାଲ ଟ୍ରେନ୍ ଚଳାଚଳ କରିବ। ରବିବାର ଜଳେଶ୍ୱର ରେଳଷ୍ଟେଶନ ମ୍ୟାନେଜର ଖଗେନ୍ଦ୍ରନାଥ ମଣ୍ଡଳ ଗଣମାଧ୍ୟମଙ୍କୁ ଏହି ସୂଚନା ଦିଆଯାଇଛି। ଏହି ଟ୍ରେନ ସକାଳ ୭ ଟାରେ ଖଡ଼ଗପୁର ଷ୍ଟେଶନ ଛାଡ଼ି ଭଦ୍ରକ ଅଭିମୁଖେ ବାହାରିବ । ସେହିପରି ଅପରାହ୍ନ ୪ ଟା ୫ ରେ ଡାଉନ୍ ଟ୍ରେନ୍ ଭଦ୍ରକ୍ ଷ୍ଟେଶନ ଛାଡ଼ି ଖଡ଼ଗପୁର ଫେରିବ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ

## ସଂକ୍ଷେପରେ

### ସ୍କ୍ରାପ ଚୋରି, ୩ ଗିରଫ

କେନ୍ଦୁଝର, ୧୮।୧୧(ସ୍ୱ.ପ୍ର.): କେନ୍ଦୁଝର ସଦର ଥାନା ସହରାପେଣ୍ଡସ୍ଥିତ ବନ୍ଦ ଥିବା ଏକ ଆଇରନ କ୍ରସ୍‌ରରୁ ସ୍କ୍ରାପ ଚୋରି ଘଟଣାରେ ରବିବାର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହଳଦିଆଗୁଣର ମାଧ ମୁଣ୍ଡା, ତାଳଚେରର ବଳରାମ ସାମିଆନ, ସାମଗ୍ରୀ କିଣିଥିବା କନାପୋଡିର ରାଧାମୋହନ ପାତ୍ର। ସେମାନଙ୍କଠାରୁ ଚୋରି ସାମଗ୍ରୀ ସହ ଏକ ଭ୍ୟାନ ଜବତ ହୋଇଛି।

### ୨ ଫେରାର ଅଭିଯୁକ୍ତ ଗିରଫ

ପାଟଣା, ୧୮।୧୧(ସ୍ୱ.ପ୍ର.): ପାଟଣା ଥାନା ନୂଆପଡା ଗ୍ରାମର ୨ ଜଣ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ହେଲେ ଉକ୍ତ ଗ୍ରାମର ଭାସ୍କର ନାଏକ ଓ ଜଗନ୍ନାଥ ନାଏକ। ଉଭୟଙ୍କ ନାମରେ ୨୦୦୬ର ଏକ ମାରପିଟ ମାମଲାରେ କୋର୍ଟ ୱାରେଣ୍ଟ ଜାରି କରିଥିଲେ।

### ରକ୍ତଦାନ କଲେ ଛାତ୍ରୀଛାତ୍ର, ଅଧ୍ୟାପକ

ବଡବିଲ, ୧୮।୧୧(ସ୍ୱ.ପ୍ର.): ବଡବିଲ ମହାବିଦ୍ୟାଳୟରେ ଯୁବ ରେଡକ୍ରସ୍ ଦ୍ୱାରା ଶୁକ୍ରବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧକ୍ଷ ଦାୟିତ୍ୱରେ ଥିବା ଅଧାପକ ମନମୋହନ ବଳିଆରସିଂହ ଶିବିରକୁ ଉଦ୍‌ଘାଟନ କରିଥିଲେ। କେନ୍ଦୁଝର ଜିଲା ରକ୍ତ ଭଣ୍ଡାରର କର୍ମଚାରୀଙ୍କ ସହ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ସୌଭାଗ୍ୟ ରଶ୍ମିରଞ୍ଜନ ସାମଲ ଯୋଗ ଦେଇଥିଲେ। ଯୁବ ରେଡକ୍ରସ୍‌ର ଉପଦେଷ୍ଟା ତଥା ଅଧାପକ ରାଜୀବ ଲୋଚନ ଆଚାର୍ଯ୍ୟ ନିଜେ ରକ୍ତଦାନ କରିବା ସହ ଶିବିର ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ସହ ମୋଟ ୪୭ ୟୁନିଟ ରକ୍ତଦାନ କରିଥିଲେ। ଅଧାପକ ବନମାଳୀ ଜେନା ଓ ଅରୁଣ ମିଶ୍ର ରକ୍ତଦାନ କରିଥିଲେ।

# ରାସ୍ତା ଉପରେ ପାଣି ପାଇପ୍

ଆନନ୍ଦପୁର, ୧୮।୧୧(ସ୍ୱ.ପ୍ର.)

### ଯାତାୟାତରେ ଲୋକେ ହଇରାଣ


ଗ୍ରାମରେ ବିଛାଯାଇଥିବା ପାଇପ୍ ଲାଇନ୍।

ଆନନ୍ଦପୁର ବ୍ଲକ ଜଙ୍ଘାର ଗ୍ରାମ ରାସ୍ତାରେ ଲୋକେ ଚଳପ୍ରଚଳ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରୁ ବାହାରିଲେ ଝୁଣ୍ଟିବାକୁ ପଡୁଛି। ଏପରିକି ବେପରୁଆ ଭାବେ ପାଇପ୍ ଲାଇନ୍ ବିଛାଯାଇଥିବାରୁ ଲୋକେ ଖଣ୍ଡିଆଖାବରା ହୋଇ ଡାକ୍ତରଖାନାକୁ ଯାଉଛନ୍ତି। ଦୁଇ ମାସ ଧରି ଲୋକେ ନାନା ହୀନସ୍ତା ହେଉଛନ୍ତି। ଏଥିପ୍ରତି କେହି ଦୃଷ୍ଟି ଦେଉନାହାନ୍ତି। ଠିକାଦାର କହୁଛି ପାଇପ୍ ପୋତାଯିବ, ଦୁଇ ମାସ ହେଲା ପାଇପ୍ ପୋତା ନ ଯାଇ ସେହିଭଳି ରାସ୍ତା ଉପରେ ଥୁଆହୋଇଛି। ଗ୍ରାମ ଭିତରକୁ ଜରୁରିକାଳୀନ ସେବା ଯାଇପାରୁନି। ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ଗାଡି ଯାତାୟାତ କରିପାରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍କୁଲ ଗାଡି ଗ୍ରାମ ଭିତରକୁ ପ୍ରବେଶ କରିପାରୁ ନ ଥିବାରୁ ଛାତ୍ରୀଛାତ୍ର ବାଧ୍ୟ ହୋଇ ଚାଲିଚାଲି ଗ୍ରାମ ମୁଣ୍ଡ ପର୍ଯ୍ୟନ୍ତ ଯାଉଛନ୍ତି। ଗ୍ରାମ୍ୟ ରାସ୍ତା କଂକ୍ରିଟ ହୋଇଛି। ରାସ୍ତାକୁ ଖୋଳିବାକୁ ବାରଣ କରାଯାଇଥିବା ଠିକାଦାର କହୁଥିବା ବେଳେ ଆନନ୍ଦପୁର ଆରଡବ୍ଲ୍ୟୁଏସ୍ଏସ୍ ଏସଡିଓ ଭରତ ଚନ୍ଦ୍ର ସେଠୀ କହିଛନ୍ତି ଯେ, କଂକ୍ରିଟ୍ ରାସ୍ତା ଖୋଳାଯାଇପାରୁ ନ ଥିବାରୁ ପାଇପ୍ ଗୁଡିକ ରାସ୍ତା ଉପରେ ଥୋଇ କନେକଶନ୍ ଦିଆଯାଇଛି। ଲୋକମାନଙ୍କ ଘର ଆଗରେ ଯାଇଥିବା ପାଇପ୍ ଲାଇନ୍ କଂକ୍ରିଟ୍ ଦ୍ୱାରା ହମ୍ପସ୍ ନିର୍ମାଣ କରାଯାଇ ଯାତାୟାତରେ ସୁବିଧା କରାଯିବ। ବିଭାଗୀୟ ଅଧିକାରୀଙ୍କ ଅନୁଯାୟୀ ଏଭଳି ପଦକ୍ଷେପ ଯଦି ଗ୍ରହଣ କରାଯାଏ ତେବେ ଗ୍ରାମ ରାସ୍ତାରେ ହମ୍ପରେ ପରିପୂର୍ଣ୍ଣ ହୋଇ ଲୋକଙ୍କ ପାଇଁ ଅଧିକ ବିପଦ ସୃଷ୍ଟି କରିବ। ପାଇପ୍ ଲାଇନ୍ ଗୁଡିକ ଏଭଳି ବିଛାଯାଇଥିବାରୁ ଗ୍ରାମ ମଧ୍ୟରେ ଚଳପ୍ରଚଳ କରିବାରେ ନାନା ଅସୁବିଧା ହେଉଛି ବୋଲି ଜଙ୍ଘାର ଗ୍ରାମର ଜେମା ବେହେରା, ବର୍ଷାରାଣୀ ଘଡେଇ, କାଶୀନାଥ ବେହେରା କହିଛନ୍ତି।

# ବରିଷ୍ଠ ନେତାଙ୍କ ସନ୍ଦେହଜନକ ମୃତ୍ୟୁ

■ ହତ୍ୟା ସନ୍ଦେହ, ନିରପେକ୍ଷ ତଦନ୍ତ ଦାବି

ପାଟଣା, ୧୮।୧୧(ସ୍ୱ.ପ୍ର.)


ଦେବେନ୍ଦ୍ର ପାତ୍ରଙ୍କ ଫାଇଲ ଫଟୋ।

କେନ୍ଦୁଝର ଜିଲା ପାଟଣା ଥାନା ବଡ଼ପାଟଣା ପଞ୍ଚାୟତ ଟାଇଁସିରା ଗ୍ରାମରୁ ରବିବାର ସନ୍ଧ୍ୟାରେ ଜଣେ ବରିଷ୍ଠ ରାଜନେତାଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣଙ୍କ ହେଲେ ଦେବେନ୍ଦ୍ର କୁମାର ପାତ୍ର। ତାଙ୍କ ଶୋଇବା ଘରୁ ରକ୍ତାକ୍ତ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ଦେବେନ୍ଦ୍ରଙ୍କ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ନାନା କଥା ଶୁଣିବାକୁ ମିଳୁଛି। ତାଙ୍କୁ କେହି ହତ୍ୟା କରିଥାଇ ପାରେ ବୋଲି ଚର୍ଚ୍ଚା ହେଉଛି। ପାଟଣା ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି। ତାଙ୍କୁ କେହି ଶନିବାର ରାତିରୁ ହତ୍ୟା କରି ଛାଡି ପଳାଇ ଯାଇଥିବା ପୋଲିସ ସନ୍ଦେହ କରୁଛି। ଏ ନେଇ ଖବର ପାଇ ଦେବେନ୍ଦ୍ରଙ୍କ ସାନ ଭାଇ ସୁରେନ୍ଦ୍ର ପାଟଣା ଥାନାରେ ଅଭିଯୋଗ କରିଛନ୍ତି। କୌଣସି କାରଣରୁ ଦୀର୍ଘ ଦିନ ହେଲା ଦେବେନ୍ଦ୍ରଙ୍କ ସ୍ତ୍ରୀ ଅନ୍ୟତ୍ର ରହିଛନ୍ତି ବୋଲି ଜଣାଯାଇଛି।

ଦେବେନ୍ଦ୍ର ପାଟଣା ନିର୍ବାଚନ ମଣ୍ଡଳୀ ବିଜେଡି ଦଳର ଜଣେ ଜଣାଶୁଣା ବରିଷ୍ଠ ନେତା ଥିଲେ। ସେ ବର୍ତ୍ତମାନ ବିଜେଡି କୃଷକ ସାମ୍ମୁଖ୍ୟର ବ୍ଲକ ସଭାପତି ଥିଲେ। ଏଥିପୂର୍ବରୁ ସେ ପାଟଣା ନିର୍ବାଚନ ମଣ୍ଡଳୀର ସମ୍ପାଦକ ମଧ ରହିଥିଲେ। ତାଙ୍କର ସନ୍ଦେହଜନକ ମୃତ୍ୟୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବିଜେଡି ବ୍ଲକ ସଭାପତି ମଧବାନନ୍ଦ ପୃଷ୍ଟି, ସାମାଜିକ କର୍ମୀ ଅଜୟ ଦାଶ, ଲକ୍ଷ୍ମଣ ଦାଶ ଓ ବିଜେଡି ଜିଲା ଉପସଭାପତି ଦେବାନନ୍ଦ ପୃଷ୍ଟି ପ୍ରମୁଖ ଉକ୍ତ ଘଟଣାର ନିରପେକ୍ଷ ଓ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଏ ନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୩୨/୧୮) ରୁଜୁ ହୋଇଛି। ଥାନା ଅଧିକାରୀ ପ୍ରମୋଦୀନି ସାହୁଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ। ତଥ୍ୟ ପ୍ରମାଣ ଆଧାରରେ ନିରପେକ୍ଷ ଦଦନ୍ତ ହେବ ବୋଲି ସେ କହିଛନ୍ତି। ଦେବେନ୍ଦ୍ରଙ୍କ ମୃତ୍ୟୁରେ ପାଟଣା ବିଧାୟକ ତଥା ଜିଲାଯୋଜନା ବୋର୍ଡ ଅଧକ୍ଷ ହୃଷୀକେଶ ନାଏକ ଓ ବ୍ଲକ ଅଧକ୍ଷ ଜଗନ୍ନାଥ ନାଏକ ଶୋକ ବ୍ୟକ୍ତ କରିଛନ୍ତି।

## ଶିଶୁ ସୁରକ୍ଷା ନେଇ ଶୋଭାଯାତ୍ରା

ପାଟଣା, ୧୮।୧୧(ସ୍ୱ.ପ୍ର.)

ପାଟଣା ମୁଖ୍ୟାଳୟସ୍ଥିତ ସେଣ୍ଟ ଜାଭିୟର ପବ୍ଲିକ୍ସ୍କୁଲ ପରିସରରେ ଶନିବାର ବିଜୁ ଯୁବ ବାହିନୀ ପକ୍ଷରୁ ଶିଶୁ ଅଧିକାର କର୍ମଶାଳା ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଶିଶୁମନ୍ଦିର ଓ ଜାଭିୟର ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ଶିଶୁଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଏକ ସଚେତନତା ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମକୁ ପାଟଣା ବିଜୁ ଯୁବବାହିନୀର ସଭାପତି ଅବିନାଶ ଦାଶ ସଂଯୋଜନା କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁଶଳ ଚନ୍ଦ୍ର ନାଏକ, ସାମାଜିକ କର୍ମୀ ଅଜୟ ଦାଶ, ଶିଶୁମନ୍ଦିର ପ୍ରଧାନ ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ, ସହକାରୀ ପ୍ରଧାନ ଆଚାର୍ଯ୍ୟ ଗଣେଶ୍ୱର କର, ବିଜୁ ଯୁବବାହିନୀ ଜିଲା ସଂଯୋଜକ ସୁଦାମ ଭୂୟାଁ, ବ୍ଲକ ସଂଯୋଜିକା ବେବୀରାଣୀ ମହାପାତ୍ର, ଶିକ୍ଷକ ଦେବବ୍ରତ ଦାଶ ଓ ନିରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଯୁବ ବାହିନୀର ସଦସ୍ୟ ଜାମିଲ ଆଲାମ, ପିଣ୍ଟୁ ଆଲାମ, ଦେବୀଦତ୍ତ ମିଶ୍ର ଓ ଦେବାଶିଷ ମିଶ୍ର ପରିଚାଳନା କରିଥିଲେ।

## ସଙ୍କୁଳସ୍ତରୀୟ ଯୋଗ କର୍ମଶାଳା

ଚମ୍ପୁଆ, ୧୮।୧୧(ଡି.ଏନ.ଏ.)

ଚମ୍ପୁଆସ୍ଥିତ ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସଙ୍କୁଳସ୍ତରୀୟ ଯୋଗ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ସଙ୍କୁଳ ସଂଯୋଜକ ତଥା ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କେରଳ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଯୋଗ ଶିକ୍ଷକ ସୂର୍ଯ୍ୟକାନ୍ତ ନାୟକ ଯୋଗଦେଇ ଯୋଗ ସାଧନ, ଅଷ୍ଟାଙ୍ଗ ଯୋଗ ଓ ଯୋଗ ଦ୍ୱାରା ଶାରୀରିକ ସୁସ୍ଥତା, ରୋଗ ଦୂରୀକରଣ ଆଦି ଉପରେ ମତ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୧୧ ଶିଶୁ ମନ୍ଦିରରୁ ଆସିଥିବା ୩୧ ଯୋଗ ଶିକ୍ଷକଙ୍କ ମଧ୍ୟରେ ଯୋଗାସନ, ପ୍ରାଣାୟାମ, ଧ୍ୟାନ, ସୂର୍ଯ୍ୟ ନମସ୍କାର ଆଦି ଅଭ୍ୟାସ କରାଯାଇଥିଲା। ଚମ୍ପୁଆ ସଙ୍କୁଳ ଯୋଗ ପ୍ରମୁଖ ବସନ୍ତ ମହାନ୍ତ ଓ ଉମେଶ ଚନ୍ଦ୍ର ମହାନ୍ତ ଯୋଗାଭ୍ୟାସ କରାଇଥିଲେ।

## ସଚେତନତା ବାର୍ତ୍ତା ବାଣ୍ଟିଲେ ଛାତ୍ରୀଛାତ୍ର

ଚମ୍ପୁଆ, ୧୮।୧୧(ଡି.ଏନ.ଏ)

ଶିଶୁ ଅଧିକାର ସପ୍ତାହ ପାଳନ ଅବସରରେ ଚମ୍ପୁଆ ଏନଏସି ଓ ସୁନାପୋଷି ପଞ୍ଚାୟତଠାରେ ବିଜୁ ଯୁବ ବାହିନୀ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କରାଯାଇଥିଲା। ଚମ୍ପୁଆ ଏନଏସି ବିଜୁ ଯୁବ ବାହିନୀ ସଭାପତି ମମତା ନାଏକ, ସମ୍ପାଦକ ଛତ୍ରପତି ନାଏକଙ୍କ ନେତୃତ୍ୱରେ ବ୍ଲକ କଲୋନି ପ୍ରାଥମିକ ବିଦ୍ୟାଳୟଠାରେ ସଭା ହୋଇଥିଲା। ସୁନାପୋଷି ପଞ୍ଚାୟତର ସରପଞ୍ଚ ଶାନ୍ତିଲତା ନାଏକ, ପୂର୍ବତନ ସରପଞ୍ଚ ଶୁକଦେବ ନାଏକ ଯୋଗ ଦେଇଥିଲେ। ଯୁବ ବାହିନୀ ସଭାପତି ଦେବାଶିଷ ଖିଲାରଙ୍କ ନେତୃତ୍ୱରେ ବାଙ୍କ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସଚେତନତା ବାର୍ତ୍ତା ନେଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଯୁବ ବାହିନୀର ସଦସ୍ୟ ସହଯୋଗ କରିଥିଲେ।

## ପ୍ରଧାନମନ୍ତ୍ରୀ ରାସ୍ତା ନିର୍ମାଣ ନିମ୍ନମାନର

ରାଇସୁଆଁ, ୧୮।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଜାମୁନାଳିଆ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ନିମ୍ନମାମନର ହୋଇଥିବା ଅଭିଯୋଗ ହୋଇଛି। ଉକ୍ତ ରାସ୍ତା ନିର୍ମାଣ ପାଇଁ ୧ କୋଟି ୧୧ ଲକ୍ଷ ୨୯ ହଜାର ୩୮୦ ଟଙ୍କା ଖର୍ଚ୍ଚ ହୋଇଥିବା ସୂଚନା ଫଳକରେ ଦର୍ଶାଯାଇଛି। ରାସ୍ତା ନିର୍ମାଣ ୨୦୧୭ ମାର୍ଚ୍ଚ ୨ରେ ସରିଥିଲା। ନିର୍ମାଣର ଏକ ମାସ ନ ପୂରୁଣୁ ରାସ୍ତା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ରାସ୍ତାରେ ଖାଲି ପାଦରେ ଯାତାୟାତ କରିବା ସମ୍ଭବ ହେଉନି। ରାସ୍ତା ନିର୍ମାଣ ଅତି ନିମ୍ନମାନର ହୋଇଥିବା ଗ୍ରାମବାସୀ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇଛନ୍ତି। କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଏ ନେଇ ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରିବାରୁ ରାସ୍ତା ନିର୍ମାଣର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

■ ନିଖିଳ ଭାରତ ସମବାୟ ସପ୍ତାହ ଉଦ୍‌ଯାପିତ

# ମନୋବଳକୁ ଦୃଢ଼ କରିଛି ସମବାୟ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିବୃନ୍ଦ।

କେନ୍ଦୁଝର, ୧୮।୧୧(ସ୍ୱ.ପ୍ର.)

୬୫ତମ ନିଖିଳ ଭାରତ ସମବାୟ ସପ୍ତାହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ସଭାପତି ଅକ୍ଷୟ କୁମାର ମହାନ୍ତି ଯୋଗଦେଇ ରାଜ୍ୟର ଅର୍ଥନୈତିକ ଓ ସାମାଜିକ ଅଭିବୃଦ୍ଧିରେ ସମବାୟ ବ୍ୟାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସମବାୟ ଏକ ଆନ୍ଦୋଳନ। ସମସ୍ତଙ୍କ ଉନ୍ନତିରେ ବିଶ୍ୱାସ କରେ ଏବଂ ବ୍ୟକ୍ତି ଓ ଗୋଷ୍ଠୀକୁ ଏକାକାର କରି ସମସ୍ତଙ୍କର ଉନ୍ନତି ମାଧ୍ୟମରେ ରାଜ୍ୟ ଓ ଦେଶର ଉନ୍ନତିରେ ଭୂମିକା ନିଭାଇ ଆସୁଛି ବୋଲି ସେ କହିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରାମରାଇ ମୁନ୍ଦୁୟା ଯୋଗଦେଇ ସମବାୟ ଆନ୍ଦୋଳନ ଚାଷୀଙ୍କର ମନୋବଳକୁ ଦୃଢ କରିବା ସହ ସେମାନଙ୍କର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହି ଯୋଗଦେଇ ଚାଷୀଙ୍କର କଲ୍ୟାଣ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ ହେଉଥିବା ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ସମବାୟ ବ୍ୟାଙ୍କ କିପରି ଉଲ୍ଲେଖନୀୟ କାର୍ଯ୍ୟ କରୁଛି ସେ ସମ୍ପର୍କରେ ଅବଗତ କରିଥିଲେ।

କେନ୍ଦୁଝର ଜିଲା ସମବାୟ ସଂଘର ସଭାପତି ଧୀରେନ୍ଦ୍ର ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ନାବାର୍ଡର ଉପମହାପ୍ରବନ୍ଧକ ସୁନୀଲ କୁମାର ନାୟକ, ଓଡ଼ିଶା ସମବାୟ ସମିତି ସମୂହ (ଋଣ ବିଭାଗ)ର ଉପନିବନ୍ଧକ ପାତଲୀ ତ୍ରିପାଠୀ, ନାବାର୍ଡର ଜିଲା ଉନ୍ନୟନ ପ୍ରବନ୍ଧକ ସୁଧାଂଶୁ ଶେଖର ଚାଉଳିଆ, ସମବାୟ ସମିତି ସମୂହ କେନ୍ଦୁଝରର ଉପନିବନ୍ଧକ ପ୍ରଭାତ ଜେନା, କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ନାରାୟଣ ମଢେଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ସମବାୟ ମାଧ୍ୟମରେ ଗୋଷ୍ଠୀର ସାମୂହିକ ବିକାଶ ହୋଇଥାଏ ବୋଲି କହିଥିଲେ। ସମବାୟ ସହ ଜଡିତ ଅଗ୍ରଣୀ ଚାଷୀ, ବ୍ୟକ୍ତିବିଶେଷ/ଅନୁଷ୍ଠାନ ଏବଂ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଟ୍ରାଫିକ୍ ଜାମ୍, ଲୋକେ ହନ୍ତସନ୍ତ

ଯୋଡ଼ା, ୧୮।୧୧(ଡି.ଏନ.ଏ.)

ଯୋଡ଼ା ସହରର ବସ୍‌ଷ୍ଟାଣ୍ଡ ନିକଟସ୍ଥ ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ଜାମ ଯୋଗୁ ଲୋକେ ଅସୁବିଧାର ସମୁଖୀନ ହେଉଛନ୍ତି। ରବିବାର ଟ୍ରାଫିକ୍ ଜାମ ଜଟିଳ ହୋଇଥିଲା। ଉକ୍ତ ରାସ୍ତା କଡରେ ଉଠା ପରିବା ଦୋକାନୀ ବସିଥିବାରୁ ଟ୍ରାଫିକ୍ ଜାମ ହୋଇଥିଲା ବୋଲି ଅଭିଯୋଗ ହୋଇଛି। ଅଣଓସାରିଆ ରାସ୍ତା ହୋଇଥିବାରୁ ଯାନବାହନ ଚଳାଚଳ ଠପ ହୋଇଥିଲା। ରାସ୍ତା କଡରେ ବାଇକ୍, ଚାରିଚକିଆ ଗାଡି ପାର୍କିଂ କରୁଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜୁଛି। ଜରୁରିକାଳୀନ ଆମ୍ବୁଲାନ୍ସ ଟ୍ରାଫିକ୍‌ରେ ଫସି ରହୁଛି। ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଉ ନ ଥିବାରୁ ଅସନ୍ତୋଷ ତୀବ୍ର ହେଉଛି। ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ବାର୍ଷିକ କ୍ରୀଡ଼ାରେ ୩୦୦ ଛାତ୍ରୀଛାତ୍ର

ଆନନ୍ଦପୁର, ୧୮।୧୧(ସ୍ୱ.ପ୍ର.)

ଆନନ୍ଦପୁର ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ଥାନୀୟ ଷ୍ଟାଡିୟମ୍‌ଠାରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୌଡକୁଦ, ଉଚ୍ଚଡିଆଁ, ଲମ୍ବଡିଆଁ ଆଦି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ପାନୀୟ ଜଳ ପ୍ରକଳ୍ପର କନିଷ୍ଠ ଯନ୍ତ୍ରୀ ହିମାଂଶୁ ଶେଖର ପରିଡ଼ା ମୁଖ୍ୟ ଅତିଥି, ପରିଚାଳନା କମିଟିର ଉପସଭାପତି ମମତାରାଣୀ ଜେନା, ସମ୍ପାଦକ ସର୍ବେଶ୍ୱର ଦଳେଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ଅନନ୍ତ ଚରଣ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅହଲ୍ୟା ମିଶ୍ର, ସରୋଜ ମିଶ୍ର, ରଜତ ମହାନ୍ତି, ସତ୍ୟାନନ୍ଦ ନାୟକ, ଯୁଧିଷ୍ଠିର ମିଶ୍ର, ଈଶ୍ୱର ଘଡେଇ, ଅଚ୍ୟୁତ ଘଡେଇ, ପଙ୍କଜ ମହାନ୍ତି, କବିମନ୍ୟୁ ସାହୁ, ଅନୁପମା ସାହୁ, ମାନସୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।







DADLS-181



ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ ସମାରୋହ
୧୯ ନଭେମ୍ବର ୨୦୧୮

ସାଧାରଣ ସଭା
ସମୟ – ସନ୍ଧ୍ୟା ଘ.୫.୩୦ ମିନିଟ୍ ସ୍ଥାନ – ଜୟଦେବ ଭବନ

ମୁଖ୍ୟ ଅତିଥି – ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ
ସମ୍ମାନିତ ଅତିଥି – ଶ୍ରୀଯୁକ୍ତ ଅରୁଣ କୁମାର ପଣ୍ଡା
ମୁଖ୍ୟବକ୍ତା – ପ୍ରଫେସର ରାଜକିଶୋର ମିଶ୍ର

କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ ।

ସାଂସ୍କୃତିକ କାର୍ଯ୍ୟକ୍ରମ – ସୀତାଂଶୁ ଶେଖର ରାଉତ, ବଶିଷ୍ଠ କୁମାର, ପ୍ରେମ୍ କୁମାର, ଅଞ୍ଜନି ରାଉତରାୟ, ତପସ୍ୱିନୀ ଓ ଶ୍ୱେତପଦ୍ମାଙ୍କ ଦ୍ୱାରା ଭଜନ ଓ ଦେଶାତ୍ମବୋଧକ ସଂଗୀତ ପରିବେଷଣ ।

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

15001/13/0400/1819

## ସଂକ୍ଷେପରେ



### ସାଇକେଲ ସହ ଶାଳ କାଠପଟା ଜବତ, ୩ ଗିରଫ

ବଡ଼ବିଲ, ୧୮।୧୧(ସ୍ୱ.ପ୍ର.): ବଡ଼ବିଲ ଥାନା ମୃନାଲ କଲୋନୀ ନିକଟ ଦେଇ କାଠପଟା ଚୋରା ଚାଲାଣ କରାଯାଉଥିଲା। ଖବର ପାଇ ପୋଲିସ ଓ ବନ ବିଭାଗ ମିଳିତ ଚଢ଼ାଉ କରି ୩ ସାଇକେଲ ସହ ୧୮ ଖଣ୍ଡ ଶାଳ କାଠପଟା ଜବତ କରିଛି। ଉକ୍ତ ଘଟଣାରେ ସମ୍ପୃକ୍ତ ୩ ଜଣ ଗିରଫ କରାଯାଇ କୋର୍ଟ ଚାଲାଣ ହୋଇଛନ୍ତି। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ବଡବିଲ ପିଏଚଡିସ୍ଥିତ କାଳନ୍ଦୀ ସାହିର ରମେଶ କାଳନ୍ଦୀ, ବାବଲୁ କାଳନ୍ଦୀ ଓ ସାନ୍ତବାହାଲ ଅଞ୍ଚଳରେ ରହୁଥିବା ସଞ୍ଜୟ ତୀର୍କି। ସେମାନେ ପିଏଚଡି ଅଞ୍ଚଳରୁ ଚୋରାରେ କାଠପଟା ନେଇ ସେରେଣ୍ଡା ଅଭିମୁଖେ ଯାଉଥିଲେ। ଖବର ପାଇ ପୋଲିସ ଓ ବନ ବିଭାଗ ମିଳିତ ଚଢ଼ାଉ କରି ମୃନାଲ କଲୋନୀ ନିକଟରୁ ସେମାନଙ୍କୁ ଗିରଫ କରିଥିବା ବନାଞ୍ଚଳ ଅଧିକାରୀ ପଦ୍ମନାଭ ରାଉତ କହିଛନ୍ତି।

### ପୋଖରିଆରେ କୃଷକ ସଭା

ଚମ୍ପୁଆ, ୧୮।୧୧(ଡି.ଏନ.ଏ): ଚମ୍ପୁଆ ବ୍ଲକ ପୋଖରିଆ ଗ୍ରାମରେ ମା’ ଜଗତ ଜନନୀ ସେବା ଟ୍ରଷ୍ଟ ପକ୍ଷରୁ କୃଷକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଚେୟାରମ୍ୟାନ ରମଣୀ ନାଏକ, ସମ୍ମାନିତ ଅତିଥି ଭାବେ ଜିଲାପରିଷଦ ସଭ୍ୟା ଲୀଳାବତି ଖିଲାର, ମଞ୍ଜୁଲତା ନାଏକ, ଆଇନଜୀବୀ ଭୋଲାନାଥ ସେଠୀ, ପାଣ୍ଡବ ଖିଲାର, ଗଣେଶ ଖିଲାର, ମହାବୀର ସିଂ ରାଜପୁତ ପ୍ରମୁଖ ଯୋଗ ଦେଇଥିଲେ। ଚଳିତ ବର୍ଷ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଇଥିବା ଧାନ ବିହନ ଦ୍ୱାରା ଚାଷୀ କେତେ ପରିମାଣରେ ଅମଳ କରି ପାରିଛି, କେଉଁ ପ୍ରଣାଳୀରେ ଚାଷ କରିଥିଲେ ସେ ନେଇ ସମୀକ୍ଷା କରାଯାଇଥିଲା। ସଭାରେ ଧାନତଳି ଦେବା, ଧାନ ରୋଇବା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ସଭାରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ।

### ମଦ ଜବତ, ମହିଳା ଗିରଫ

ଯୋଡ଼ା, ୧୮।୧୧(ଡି.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ପୋଲିସ ପକ୍ଷରୁ ଚଢ଼ାଉ ହୋଇଥିଲା। ଚଢ଼ାଉରେ ଦେଶୀ ଓ ବିଦେଶୀ ମଦ ଜବତ ହୋଇଛି। ଏଥିରେ ଜଣେ ମହିଳା ଗିରଫ ହୋଇଛନ୍ତି। ରବିବାର ଜଜାଙ୍ଗ ସି ବ୍ଲକଠାରେ ଚଢ଼ାଉ ହୋଇଥିଲା। ଜଣେ ମହିଳାଙ୍କଠାରୁ ୫ ଲିଟର ମହୁଲି ଓ ୧୨ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ସେ ହେଲେ ପଦ୍ମା ମାଝି। ତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ଧରପଗଡକୁ ଆଗାମୀ ଦିନରେ ବ୍ୟାପକ କରାଯିବ ବୋଲି ମହାନ୍ତି କହିଛନ୍ତି।

### ଜେଜେମା’ ଜେଜେବାପା ସମ୍ମିଳନୀ

ବଡ଼ବିଲ, ୧୮।୧୧(ସ୍ୱ.ପ୍ର.): ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରବିବାର ଜେଜେମା’ବାପା ଓ ଆଇଅଜା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ରାଜ କିଶୋର ଦାଶଙ୍କ ଅଧକ୍ଷତାରେ ପ୍ରଧାନ ଶିକ୍ଷକ ଡମ୍ବରୁଧର ମହାନ୍ତ ସମ୍ମିଳନୀରେ ଅତିଥି ପରିଚୟ ଦେଇଥିଲେ। ଶିକ୍ଷୟିତ୍ରୀ ନନ୍ଦିନୀ ମହାନ୍ତି ସମ୍ମିଳନୀର ଅଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମିଳନୀରେ ଯୋଗ ଦେଇଥିବା ଛାତ୍ରୀଛାତ୍ରଙ୍କ ଜେଜେମା’ବାପା ଓ ଆଇଅଜା ବିଦ୍ୟାଳୟର ଅନୁଭୂତି କହିଥିଲେ। ଜେଜେମା ଓ ଆଇ ହୁଳହୁଳି, କାର୍ତ୍ତିକ ମହାତ୍ମ୍ୟ, ଭାଗବତ, ଢଗଢମାଳି ପରିବେଷଣ କରିଥିଲେ। ସେମାନଙ୍କ ମଧ୍ୟରେ ପାନଭଙ୍ଗା ଓ ନାଆଁ ମନେ ରଖିବା ପ୍ରତିଯୋଗିତା ଆକର୍ଷଣୀୟ ହୋଇଥିଲା। ସମ୍ମିଳନୀ ଶେଷରେ ବିଦ୍ୟାଳୟ ତରଫରୁ ସମସ୍ତଙ୍କୁ ଭାଗବତ ଗୀତା ପୁସ୍ତକ ଉପହାର ସ୍ୱରୂପ ଦିଆଯାଇଥିଲା।

# ‘ନିଜ ହାତରେ ନିଜର ସୁରକ୍ଷା’

କେନ୍ଦୁଝର, ୧୮।୧୧(ସ୍ୱ.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

- ସଚେତନତା ଏଡାଇବ ଦୁର୍ଘଟଣା
- କ୍ଷତିପୂରଣ ଓ ସହାୟତାକୁ ଗୁରୁତ୍ୱ
- ଟ୍ରାଫିକ୍ ନିୟମ ମାନି ଚଳିବା ଜରୁରୀ

କେନ୍ଦୁଝର ଜିଲା ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ରବିବାର ଦରବାର ହଲ୍‌ଠାରେ ରାସ୍ତା ଦୁର୍ଘଟଣାରେ ମୃତାହତଙ୍କ ଉଦ୍ଦେଶ୍ୟରେ ବିଶ୍ୱ ସ୍ମୃତିଚାରଣ ଦିବସ ପାଳିତ ହୋଇଯାଇଛି। ରାସ୍ତା ଦୁର୍ଘଟଣା ଏଡାଇବା ପାଇଁ ବ୍ୟାପକ ସଚେତନତା ଏକାନ୍ତ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦୁର୍ଘଟଣାରେ ମୃତାହତମାନଙ୍କ ସ୍ମୃତିଚାରଣ ପାଇଁ ୧ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତିଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଆଶିଷ ଠାକ୍‌ରେ ଯୋଗଦେଇ ରାସ୍ତା ଦୁର୍ଘଟଣାକୁ ଏଡାଇବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରିଥିଲେ। ଦୁର୍ଘଟଣାରେ ମୃତାହତଙ୍କ ପରିବାର କିପରି କ୍ଷତିପୂରଣ ଓ ସହାୟତା ପାଇପାରିବେ ସେ ଦିଗରେ ସମସ୍ତଙ୍କ ସକାରାତ୍ମକ ମନୋଭାବ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଆରକ୍ଷୀ ଅଧୀକ୍ଷକ ଜେ.ଏନ୍. ପଙ୍କଜ ଯୋଗଦେଇ ଦୁର୍ଘଟଣାରେ ଆହତ ଲୋକଙ୍କୁ ଡାକ୍ତରଖାନାରେ ପହଞ୍ଚାଇଲେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି ବୋଲି ସେ କହିଥିଲେ। ଟ୍ରାଫିକ୍ ନିୟମ ମାନିବା, ହେଲମେଟ ପିନ୍ଧି ଗାଡି ଚାଳନା, ନିଶାଦ୍ରବ୍ୟ ସେବନ କରି ଗାଡି ନ ଚଳାଇବା, ସିଟ୍‌ବେଲ୍ଟ ବ୍ୟବହାର ନିୟମାବଳୀ ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଇଂ ନିର୍ମଳ ମହାନ୍ତି ଯୋଗଦେଇ ନିଜର ସୁରକ୍ଷା ନିଜ ହାତରେ ବୋଲି କହିଥିଲେ। ଏସ୍‌ଡିପିଓ ଶ୍ରୀହର୍ଷ ମିଶ୍ର, ଏଡିଏମ୍‌ଓ ମେଡିକାଲ ଡା. କିଶୋର କୁମାର ପୃଷ୍ଟି, ଅବସରପ୍ରାପ୍ତ ଉଇଙ୍ଗ କମାଣ୍ଡର କିରଣ ଶଙ୍କର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ।

ଜାତୀୟ ରାଜପଥ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ରାଜେଶ ହରଦାସ ଉପସ୍ଥିତ ରହି ରାସ୍ତା ଦୁର୍ଘଟଣା ରୋକିବା ନିମନ୍ତେ ସଚେତନତା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଥିଲେ। ଏମ୍‌ଭିଆଇ ଇଂ. ଜିତେନ୍ଦ୍ର କୁମାର ଭୋଇ ରାସ୍ତା ଦୁର୍ଘଟଣାରେ ମୃତାହତଙ୍କ ସ୍ମୃତିଚାରଣ ପାଇଁ ବିଶ୍ୱ ଦିବସ ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ। ରାସ୍ତା ଦୁର୍ଘଟଣା ଏଡାଇବା ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

## ବସ୍ ଚାପାରେ ବାଇକ୍ ଚାଳକ ମୃତ

ଢେଙ୍କିକୋଟ, ୧୮।୧୧(ଡି.ଏନ.ଏ.)

ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ୨୦ ନଂ ଜାତୀୟ ରାଜପଥ ପିପିଳିଆ ଚତୁରି ସାହି ନିକଟରେ ରବିବାର ଏକ ଘରୋଇ ବସ୍ ଚାପାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସାନଭାଇ ଗୁରୁତର ହୋଇଛନ୍ତି। ମୃତକ ଜଣଙ୍କ ହେଲେ ହରିଚନ୍ଦନପୁର ଥାନା ପିଠାଗୋଳା ପଞ୍ଚାୟତ ରମ୍ପକୋଟ ଗ୍ରାମର ବିପିନି ବିହାରୀ ସେଠୀ। ଗୁରୁତର ଜଣଙ୍କ ହେଲେ କୁଳମଣି ସେଠୀ। କୁଳମଣିଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏ ନେଇ ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଜୟଦୁର୍ଗା ନାମକ ଏକ ବସ୍ କେନ୍ଦୁଝରରୁ ଯାତ୍ରୀ ନେଇ ଆନନ୍ଦପୁର ଅଭିମୁଖେ ଯାଉଥିଲା। ସେହି ସମୟରେ ଏକ ଲୁନାରେ ବିପିନି ବିହାରୀ ଏବଂ ତାଙ୍କ ସାନଭାଇ କୁଳମଣି ଚାଳପଶିରୁ ଢେଙ୍କିକୋଟ ନିଜ ପୁଅ ପାଖକୁ ଆସୁଥିଲେ। ଚତୁରି ସାହି ନିକଟରେ ବସ୍‌ଟି ଭାରସାମ୍ୟ ହରାଇ ଲୁନା ଉପରେ ମାଡ଼ି ଯାଇଥିଲା। ଘଟଣାସ୍ଥଳରେ ହିଁ ବିପିନିଙ୍କ ମୃତ୍ୟୁ ଘଟିଥିଲା। ଗୁରୁତର ଅବସ୍ଥାରେ କୁଳମଣିଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଉତ୍ତ୍ୟକ୍ତ ହୋଇ ଲୋକେ ରାଜପଥକୁ ଅବରୋଧ କରିଥିଲେ। ଫଳରେ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଭରତ ଚନ୍ଦ୍ର ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରୁଥିଲେ। ଘଟଗାଁ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଥିବା ଆଇଆଇସି ସତିଶ କୁମାର ନାୟକ କହିଛନ୍ତି। ସବ୍‌ଇନ୍ସପେକ୍ଟର ପ୍ରୀତିରଞ୍ଜନ ପରିଡ଼ା, ଏସ୍‌ଡିପିଓ ସିଲଭରିୟସ ଟୋପୋ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ।


ଲୋକେ ରାସ୍ତା ଅବରୋଧ କରିଛନ୍ତି।

## ଖୁଚୁରା ପଇସାକୁ ନେଇ ଉତ୍ତେଜନା

ଆନନ୍ଦପୁର, ୧୮।୧୧(ସ୍ୱ.ପ୍ର.)

ଘସିପୁରା ବ୍ଲକ କେଶଦୁରାପାଳଠାରେ ଥିବା ଏକ ବ୍ୟାଙ୍କ ଶାଖରେ ଖୁଚୁରା ପଇସାକୁ ନେଇ ଉତ୍ତେଜନା ଦେଖା ଦେଇଛି। ଖୁଚୁରା ପଇସା ବର୍ତ୍ତମାନ ଏକ ବଡ ସମସ୍ୟା ଭାବେ ଉଭା ହୋଇଥିବା ବେଳେ ବ୍ୟାଙ୍କ କର୍ମଚାରୀଙ୍କ ଅସହଯୋଗ ମନୋବୃତ୍ତି ଗ୍ରାହକଙ୍କୁ ବ୍ୟଥିତ କରିଛି। ଖୁଚୁରା ପାଇସା ବ୍ୟାଙ୍କ ଶାଖାରେ ଡିପୋଜିଟ୍ ନେଇ ସମସ୍ୟା ଦେଖା ଦେଇଛି। ବ୍ୟାଙ୍କ ପରିସରରେ କର୍ମଚାରୀଙ୍କ ଦ୍ୱାରା ପରିବା କାଟିବା ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋଇଥିବା ବେଳେ ଏବେ ଖୁଚୁରା ପାଇସା କାରବାରକୁ ନେଇ ଗ୍ରାହକ ଓ କର୍ମଚାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହେବା ଭଳି ଘଟଣା ଘଟିଛି।

ବ୍ୟାଙ୍କରେ ଖୁଚୁରା ପଇସା ଡିପୋଜିଟ୍ କରିବା ପାଇଁ କିଛି ଗ୍ରାହକ ଆସିଥିବା ସମୟରେ କେତେ ଜଣ ବ୍ୟାଙ୍କ କର୍ମଚାରୀ ଖୁଚୁରା ପାଇସା ଡିପୋଜିଟ୍ ନେବାକୁ ମନା କରିଥିଲେ। କାହିଁକି ଡିପୋଜିଟ୍ ନେବେ ନାହିଁ ବୋଲି ଗ୍ରାହକ ପ୍ରଶ୍ନ କରିଥିଲେ। ବ୍ୟାଙ୍କ କର୍ମଚାରୀମାନେ ଗଣିବା ପାଇଁ ଲୋକନାହାନ୍ତି ବୋଲି କହିଥିଲେ। ଏଭଳି ଘଟଣାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ବ୍ୟାଙ୍କ କର୍ମଚାରୀ ଖୁଚୁରା ପଇସା ଡିପୋଜିଟ୍ ନେବାକୁ ବାଧ ହୋଇଥିଲେ। ଏଭଳି ଘଟଣାକୁ ନେଇ ସ୍ଥାନୀୟ ବ୍ୟାଙ୍କ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ବାର୍ଷିକ ବିଜ୍ଞାନ ପ୍ରଦର୍ଶନୀ

କେନ୍ଦୁଝର, ୧୮।୧୧(ସ୍ୱ.ପ୍ର.)

ସ୍ଥାନୀୟ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟର ଅଧକ୍ଷ ଡ. ଦିବ୍ୟ କିଶୋର ପ୍ରଧାନଙ୍କ ତତ୍ତ୍ୱାବଧାନରେ ସୋମବାର ୪ର୍ଥ ବାର୍ଷିକ ପ୍ରଦର୍ଶନୀ ଓ ମଙ୍ଗଳବାର ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହେବ ବୋଲି ବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବାର୍ଷିକ ପ୍ରଦର୍ଶନୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ବିଜ୍ଞାନ, ସାହିତ୍ୟ, ଚିତ୍ରକଳା, ଗଣିତ, ଓ କମ୍ପ୍ୟୁଟର ସମ୍ପର୍କିତ ଶତାଧିକ ପ୍ରକଳ୍ପ ପ୍ରଦର୍ଶିତ ହେବ ବୋଲି କୁହାଯାଇଛି। ଆନ୍ତଃ ବିଦ୍ୟାଳୟ ପ୍ରଦର୍ଶନୀରେ ୩୦ଟି ବିଦ୍ୟାଳୟ ଯୋଗଦେବେ ବୋଲି ସୂଚନା ଦିଆଯାଇଛି।

## ୧୫ ହୋଟେଲରେ ଖାଦ୍ୟର ମାନ ଯାଞ୍ଚ

ଯୋଡ଼ା, ୧୮।୧୧(ଡି.ଏନ.ଏ.)

ଯୋଡ଼ା ସହର ବିଭିନ୍ନ ହୋଟେଲ, ଜଳଖିଆ ଦୋକାନ ଓ ରେଷ୍ଟୁରାଣ୍ଟରେ ପୌରପାଳିକା ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଶନିବାର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ ରଶ୍ମିତା ବେହେରା, ଯୋଡା ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟଯୋଶୀ, ରାସାୟନିକ ବିଶେଷଜ୍ଞ ବିମଳ ସିଂ ଚଢ଼ାଉରେ ସାମିଲ ହୋଇଥିଲେ। ଭୁବନେଶ୍ୱରରୁ ମୋବାଇଲ ଲାବୋରେଟୋରୀ ଭ୍ୟାନ୍ ମଧ୍ୟ ଆସିଥିଲା। ୧୫ ହୋଟେଲରୁ ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ଖାଦ୍ୟ ନମୁନା ସଂଗ୍ରହ କରାଯାଇଛି। ସେଗୁଡିକ ପରୀକ୍ଷା ପାଇଁ ପଠାଯାଇଛି। ୫ ହୋଟେଲର ବାସି ଖାଦ୍ୟ ନଷ୍ଟ କରାଯାଇଥିଲା। ଫୁଡ୍ ଓ ଟ୍ରେଡ୍ ଲାଇସେନ୍ସ ନ ଥିବା ୬ ହୋଟେଲକୁ ନୋଟିସ ଜାରି କରାଯାଇଛି। ହୋଟେଲ ଗୁଡିକରେ ଯେଉଁ ବାସନରେ ଖାଦ୍ୟ ପ୍ରସ୍ତୁତ କରାଯାଉଛି ତାହାକୁ ସ୍ୱଚ୍ଛ ରଖାଯିବା, ହୋଟେଲରେ କର୍ମଚାରୀଙ୍କ ପୋଷାକ ଓ ସ୍ୱଚ୍ଛତା ପ୍ରତି ଦୃଷ୍ଟି ଦେବା, ଡଷ୍ଟବିନ୍ ବ୍ୟବହାର କରିବା, ପଲିଥିନ୍ ବ୍ୟବହାର ନ କରିବା, ଗ୍ରାହକଙ୍କୁ ଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯିବା ଆଦି ବିଷୟ ପ୍ରତି ଧ୍ୟାନ ଦେବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ପୌରପାଳିକାର ସ୍ୱାସ୍ଥ୍ୟ ଅଧିକାରୀ ରାଜେନ୍ଦ୍ର କୁମାର ମିଶ୍ର କହିଛନ୍ତି।

■ ବିପିଏଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

## ଫାଇନାଲରେ ଏସ୍‌ଏଆଇ ଚାମ୍ପିୟନ

ବଡ଼ବିଲ, ୧୮।୧୧(ସ୍ୱ.ପ୍ର.)



ଅତିଥିଙ୍କ ସହ ଟୁର୍ନାମେଣ୍ଟର ଚାମ୍ପିୟନ ଏସଏଆଇ ଟିମ୍।

ବଡ଼ବିଲରେ ବ୍ରଦରହୁଡ କ୍ରିକେଟ କ୍ଲବ (ବିସିସି) ଦ୍ୱାରା ଆୟୋଜିତ ବଡ଼ବିଲ ପ୍ରିମିୟର ଲିଗ (ବିପିଏଲ) କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ଆରଏସିସିକୁ ୨ବଲ୍ ୨ ୱିକେଟରେ ହରାଇ ଏସଏଆଇ ଚାମ୍ପିୟନ ହୋଇଛି। ଅକ୍ଟୋବର ୨୮ରୁ ନଭେମ୍ବର ୧୮ ପର୍ଯ୍ୟନ୍ତ ଦୀର୍ଘ ୨୨ ଦିନ ଧରି ଅନୁଷ୍ଠିତ ଟୁର୍ନାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ରବିବାର ଆରଏସିସି ଏବଂ ଏସଏଆଇ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ଆରଏସିସି ଟସ ଜିଣି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ ଆରଏସିସି ୧୧୦ ରନ ସଂଗ୍ରହ କରି ବିପକ୍ଷ ଏସଏଆଇ ଟିମ୍‌କୁ ୧୧୧ରନର ବିଜୟ ଲକ୍ଷ୍ୟ ଦେଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚ୍ ପ୍ରଦର୍ଶନ କରି ଏସଏଆଇ ୧୯.୪ ଓଭରରେ ୮ଟି ୱିକେଟ ହରାଇ ୧୧୧ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା।

ମୋଟ ୧୮ଟି ୱିକେଟ୍ ସହ ୧୪୫ ରନ ସଂଗ୍ରହ କରି ମ୍ୟାନ ଅଫ୍ ଦି ସିରିଜ୍ ଭାବେ ପ୍ରମୋଦ ନାୟକ ବିବେଚିତ ହୋଇଥିଲେ। ମୋଟ୍ ୧୯୨ ରନ୍ କରି ଅନିଲ ମହାନ୍ତ ଅରେଞ୍ଜ କ୍ୟାପ୍ ହାସଲ କରିଥିବା ଜଣାପଡିଛି। ୧୯ଟି ୱିକେଟ ନେଇଥିବା ୱାକର ଇମାମ୍ ପର୍ପଲ କ୍ୟାପ, ରାଇଜିଂଷ୍ଟାର ଆକାଶଦୀପ ସିଂହ, ସର୍ବଶ୍ରେଷ୍ଠ ୱିକେଟ କିପର ଭାବେ ପ୍ରଶାନ୍ତ କୁମାର ଦାସ, ସର୍ବଶ୍ରେଷ୍ଠ କ୍ୟାଚ ଧରିଥିବା ଧର୍ମେନ୍ଦ୍ର ଯାଦବ, ସର୍ବଶ୍ରେଷ୍ଠ ଫିଲ୍ଡର ଭାବେ ଦୁଷ୍ମନ୍ତ ନାଏକ ବିବେଚିତ ହୋଇଥିଲେ। ମ୍ୟାଚ୍ ପରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡବିଲ ତହସିଲଦାର କ୍ଷୀରୋଦ କୁମାର ବେହେରା ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ।

## ପୁରସ୍କୃତ ହେଲେ କୃତୀ ଛାତ୍ରୀଛାତ୍ର

ତେଲକୋଇ, ୧୮।୧୧(ଡି.ଏନ.ଏ.)

ତେଲକୋଇ ବ୍ଲକ ଜଟ ଉଚ୍ଚ ବିଦ୍ୟାଳୟରେ ଶିଶୁ ଅଧିକାର ସପ୍ତାହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୯ଟି ବିଦ୍ୟାଳୟରୁ ୫ ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ସଙ୍ଗଠନ ଆଶା ଶିଶୁ ବିକାଶ ପ୍ରକଳ୍ପ କେନ୍ଦୁଝର ଆନୁକୂଲ୍ୟରେ ଶିଶୁଙ୍କ ଅଧିକାର ସମ୍ପର୍କରେ ଏକ ସଭାର ଆୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଡିଓ ଦିଲ୍ଲୀପ କୁମାରା ବାରା ଯୋଗ ଦେଇଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ଲକ ଶିକ୍ଷାଧିକାରୀ ଗୋଲପ ପ୍ରଧାନ, ସିଡିପିଓ, ପ୍ରାଣୀ ଚିକିତ୍ସକ, ଓରିଆ, ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପ୍ରଧାନ ଶିକ୍ଷକ ଗୋର୍ବଦ୍ଧନ ପାତ୍ର, ସହକାରୀ ଶିକ୍ଷକ ନାରାୟଣ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ୨୦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଆଗାମୀ ୨୦ରେ କୃତୀ ଛାତ୍ରଛାତ୍ରୀ ଭୁବନେଶ୍ୱର ଶିଶୁ ଉତ୍ସବରେ ଭାଗ ନେବେ ବୋଲି ନିଷ୍ପତ୍ତି ହୋଇଛି। ଆଶାଶିଶୁ ବିକାଶ ପ୍ରକଳ୍ପର ଶିକ୍ଷା ସଂଯୋଜକ ସନ୍ତୋଷ କୁମାର ବେହେରା ସଭା ପରିଚାଳନା କରିଥିଲେ। ସଙ୍ଗଠନର ସଂଯୋଜକ ରବି ନାରାୟଣ ନାଏକ, ତରଣି ସେନ ପ୍ରଧାନ, ଖଗେଶ୍ୱର ପ୍ରଧାନ, ନକ୍ଷେତ୍ର ବାଳା ଦାଶ, ତ୍ରିଲୋଚନ ନାଏକ ସହାୟତା କରିଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନରେ କାୟାକଳ୍ପ ଦଳ


ପରିଦର୍ଶନରେ ଆସିଥିବା କାୟାକଳ୍ପ ଦଳର କର୍ମକର୍ତ୍ତା।

ଘସିପୁରା, ୧୮।୧୧

ଆନନ୍ଦପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ଟିମ୍ ପରିଦର୍ଶନ କରିଛନ୍ତି। ଏହା ଆନନ୍ଦପୁର ବ୍ଲକର ଶ୍ରେଷ୍ଠ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ମନୋନୀତ ହୋଇଥିବା ଜଣାଯାଇଛି। ଆନନ୍ଦପୁର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶନିବାର ଜିଲା ସ୍ୱାସ୍ଥ୍ୟ ବିଭାଗର ଏଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳ, ଜିଲା ସ୍ୱାସ୍ଥ୍ୟ ବିଭାଗର ଡିପିଏମ୍ ଦିଲ୍ଲୀପ ଦୁବେ ପରିଦର୍ଶନରେ ଆସିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ପରିମଳ, ସ୍ୱାସ୍ଥ୍ୟ, ଜଳଯୋଗାଣ, କାନ୍ଥଲେଖା ସୂଚନା, ରୋଗୀସେବା, ଔଷଧ ବଣ୍ଟନ, ଉଦ୍ୟାନ, ଷ୍ଟୋର, ରେକର୍ଡ ରୁମ୍ ସହ ବହୁ ବିଭାଗ ପରିଦର୍ଶନ କରି ଖୁସି ପ୍ରକାଶ କରିଥିଲେ। ଆନନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଜୟ କୁମାର ମିଶ୍ରଙ୍କ କାର୍ଯ୍ୟକୁ ପ୍ରଶଂସା କରି ଶ୍ରେଷ୍ଠ ଡାକ୍ତର ଭାବେ ମନୋନୀତ କରିବା କରିଛନ୍ତି।

କାୟକଳ୍ପ ଟିମ୍ ସହ ଫକୀରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଚୈତନ୍ୟ ମାରାଣ୍ଡି, ଫାର୍ମାସିଷ୍ଟ ପ୍ରଫୁଲ୍ଲ ପତି, ଆନନ୍ଦପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ମେଡିକାଲ ଅଫିସର ଡା. ସୁରଜିତ୍ ରଞ୍ଜନ ବେହେରା, ଫାର୍ମାସିଷ୍ଟ ନୀଳମଣି ସାହୁ, ହେଲ୍‌ଥ ୱାର୍କର ଅହଲ୍ୟା କୁମାରୀ ସି, ଆଟେଣ୍ଡାଣ୍ଟ ବିଦ୍ୟାଧର ରାମ, ସୁଇପର ହଳଧର ଜେନା ଉପସ୍ଥିତ ରହିଥିଲେ। ଆନନ୍ଦପୁର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶ୍ରେଷ୍ଠ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ମନୋନୀତ କରାଯାଇଥିବାରୁ ସାଧାରଣରେ ଖୁସିର ଲହରି ଖେଳିଯାଇଛି।

## ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧିତ ହୋଇଥିବା ବରିଷ୍ଠ ନାଗରିକମାନେ।

ଆନନ୍ଦପୁର, ୧୮।୧୧(ସ୍ୱ.ପ୍ର.)

ଘସିପୁରା ବ୍ଲକ କେଶଦୁରାପାଳ ରାଧାରମଣ କୁଞ୍ଜ ତରଫରୁ ବରିଷ୍ଠ ନାଗରିକମାନଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନାମ ସଂକୀର୍ତ୍ତନ କରି ଗ୍ରାମରେ ଥିବା ବରିଷ୍ଠ ନାଗରିକଙ୍କୁ ନିମନ୍ତ୍ରଣ କରାଯାଇ ଏକ ସଭାର ଆୟୋଜନ କରାଯାଇଥିଲା। ସଭାରେ କୁଞ୍ଜର ଉପଦେଷ୍ଟା ଶିକ୍ଷାବିତ୍ ଅଶୋକ ବିନ୍ଧାଣି, ନିମାଇଁ ଚରଣ ମହାରଣା, ଶୁକଦେବ ଓଝା ପ୍ରମୁଖଙ୍କ ସଂଯୋଜନାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ୧୯୩୬ରୁ ଆରମ୍ଭ ହୋଇଥିବା କୁଞ୍ଜ ପକ୍ଷରୁ ବିଭିନ୍ନ ସମୟରେ ଅଷ୍ଟପ୍ରହର ନାମଯଜ୍ଞ, ଭଜନ, କୀର୍ତ୍ତନ ଓ ସନ୍ଧ୍ୟା ସମୟରେ ଭାଗବତ ଆଲୋଚନା କରାଯାଉଛି। କାର୍ଯ୍ୟକ୍ରମକୁ ରାଧେଶ୍ୟାମ ବିନ୍ଧାଣି, କୋଦଣ୍ଡ ଓଝା, ମହେଶ୍ୱର ବିନ୍ଧାଣି, ପ୍ରାଣଧନ ଓଝା, ସୁଦର୍ଶନ ମହାରଣା, ଜନାର୍ଦ୍ଦନ ମହାରଣା, ଏକାଦଶୀ ସୂତାର, କୁଳମଣି ମହାରଣା, ରବୀନ୍ଦ୍ର ବିନ୍ଧାଣି, ଶେଷଦେବ ମହାରଣା, ମଧୁସୂଦନ ଓଝା, ପ୍ରଶାନ୍ତ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଗାଁକୁ ଛୁଇଁନି ବିକାଶର ଧାରା

ତେଲକୋଇ, ୧୮।୧୧(ଡି.ଏନ.ଏ.)


ଗାଁର ମହିଳାମାନେ ପାନୀୟଜଳ ସଂଗ୍ରହ କରୁଛନ୍ତି।

- ଅବହେଳିତ କରଦାଙ୍ଗୀ ପଞ୍ଚାୟତ
- ମୌଳିକ ସୁବିଧା ଅପହଞ୍ଚ
- ଝରଣା ପାଣିରେ ବଞ୍ଚିଛି ଜୀବନ

ତେଲକୋଇ ବ୍ଲକ ଅଧୀନ କରଦାଙ୍ଗୀ ପଞ୍ଚାୟତର ଅନେକ ଗାଁକୁ ଅଦ୍ୟାବଧି ଛୁଇଁପାରିନି ବିକାଶର ଧାରା। ଲୋକେ ଅବହେଳିତ ଜୀବନ ବିତାଉଛନ୍ତି। ଉକ୍ତ ପଞ୍ଚାୟତରେ ଅନେକ ନେତା ରହିଥିଲେ ହେଁ ସରକାରଙ୍କ ସମସ୍ତ ଯୋଜନା ଅପହଞ୍ଚ ହୋଇଛି। ସେହି ପଞ୍ଚାୟତ ଅଧୀନରେ ୭ ଗ୍ରାମ ରହିଛି। ସେହି ଗ୍ରାମକୁ ଯିବାକୁ ଭଲ ରାସ୍ତା ନିର୍ମାଣ ହୋଇପାରି ନ ଥିବା ବେଳେ ପାନୀୟଜଳ ସମସ୍ୟା ଉତ୍କଟ ହୋଇଛି। ପଞ୍ଚାୟତ ଅଧୀନରେ ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ମୁଖ୍ୟାଳୟକୁ ରଗଡ଼ା, ସରେଇ, ସାପଲାଞ୍ଜି, ଶ୍ରୀଧରପୁର, ସାମନାଳୀ, ଘୋଡାବେଡା, ଖଜୁରିଆ ସାହି, ଆମ୍ବ ତଇଲା ଓ କମଳାବଣୀ ଗ୍ରାମ ସଂଯୋଗ କରୁଛି। ମୁଖ୍ୟାଳୟକୁ ଯାଉଥିବା ରାସ୍ତା ଶୋଚନୀୟ ହୋଇପଡ଼ିଛି। ଫଳରେ ପଞ୍ଚାୟତବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ରାସ୍ତା ନିର୍ମାଣ ପାଇଁ ୨୦୧୭-୧୮ରେ ୫୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏମ୍‌ଜିଏନଆରଇଜିଏସ ଯୋଜନାରେ ବ୍ୟୟ ହୋଇଥିଲା। ଅଦ୍ୟାବଧି ମୁଖ୍ୟାଳୟକୁ ରାସ୍ତା ସଂଯୋଗୀ କରଣ କରାଯାଇ ପାରିନାହିଁ। ୨୦୧୭ରେ ଉକ୍ତ ପଞ୍ଚାୟତ ମୁଖ୍ୟାଳୟ ପାଇଁ ପାନୀୟଜଳ ଯୋଗାଣ ଯୋଜନାରେ ୨୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇ ଯାଇଥିଲା। ଓଭରହେଡ ଟାଙ୍କି ନ ଥିବାରୁ ଗ୍ରାମବାସୀ ଝରଣା ଉପରେ ଭରସା କରୁଛନ୍ତି। ସ୍ୱାସ୍ଥ୍ୟସେବା ଠପ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଖୋଲା ଯାଇଥିଲେ ହେଁ ଡାକ୍ତର ଅଭାବ ରହିଛି। ସେଠାରେ ଥିବା ହୋମିଓପାଥିକ ସ୍ୱାସ୍ଥ୍ୟକେନ୍ଦ୍ର ଅବହେଳିତ ହୋଇରହିଛି। ଶିକ୍ଷକ ଅଭାବରୁ ପିଲାଙ୍କ ପାଠପଢ଼ାରେ ବିଭ୍ରାଟ ହେଉଛି। ତେଲକୋଇ ନିର୍ବାଚନ ମଣ୍ଡଳୀରେ ଥିବା ଜନପ୍ରତିନିଧିମାନେ ଲୋକଙ୍କ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନ ଥିବା ଗ୍ରାମର ଦଶରଥ ପାତ୍ର, ମିଲୁ ଧିର, ଖିକାରୀ ସାହୁ କହିଛନ୍ତି। ଜିଲା ପ୍ରଶାସନ ଲୋକଙ୍କ କଥା ଶୁଣୁ ନ ଥିବା ଅଭିଯୋଗ ହୋଇଛି।